# ଅନ୍ତେବାସୀଙ୍କ ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ଅଭିବୃଦ୍ଧି ଲକ୍ଷ୍ୟ

### ଜିଲା ଶିଶୁଗୃହ ଅନ୍ତେବାସୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ

ମାଲକାନଗିରି,୬।୬ (ଦୁର୍ଯ୍ୟୋଧନ ପାତ୍ର)



ଗ୍ରୀଷ୍ମକାଳୀନ ଶିବିରରେ ଯୋଗଦେଇଥିବା ଶିଶୁଗୃହ ଅନ୍ତେବାସୀ।

ମାଲକାନଗିରି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲାରେ କାର୍ଯ୍ୟରତ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁଙ୍କୁ ନେଇ ଶୁକ୍ରବାର ଗ୍ରୀଷ୍ମକାଳୀନ ଶିବିର- ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। କିଶୋର ନ୍ୟାୟ ଆଇନ- ୨୦୧୫ ଦ୍ୱାରା ପଞ୍ଜୀକୃତ ୪ଟି ଶିଶୁ ଯତ୍ନ ଅନୁଷ୍ଠାନର ବହୁ ଶିଶୁ ଓ ୪୦ରୁ ଅଧିକ କର୍ମକର୍ତ୍ତାଙ୍କୁ ନେଇ ଜିଲା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ଦୀର୍ଘ ୫ ଦିନ ପାଇଁ ଏହି ଗ୍ରୀଷ୍ମକାଳୀନ ଅଧିବେଶନ ଶୁଭାରମ୍ଭ ହୋଇଛି। ଶିଶୁଗୃହରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରେ ବ୍ୟକ୍ତିତ୍ୱର ବିକାଶ, ସୁଚରିତ୍ରର ଗଠନ, ଦକ୍ଷତାର ଅଭିବୃଦ୍ଧି, ଏକ ପୂର୍ଣ୍ଣାଙ୍ଗ ବିକଶିତ ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଭାବରେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲକରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଯୋଗଦେଇ ଶିଶୁଙ୍କ ମଧ୍ୟରେ ଉତ୍ତମ ଚରିତ୍ର ଗଠନ ଓ କଠିନ ଅଧ୍ୟବସାୟ ପାଇଁ ପ୍ରେରଣା ପ୍ରଦାନ କରିବା ସହ ସରକାରଙ୍କ ଦ୍ୱାରା ପ୍ରଣିତ ଆଇନକୁ ମାନି ଚାଲିବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଞ୍ଜୁକ୍ତା ପ୍ରଧାନ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସୁରକ୍ଷା ଅଧିକାରୀ ଇନ୍ଦ୍ରା ପ୍ରଧାନ ଓ ସାହିତ୍ୟିକ ଓ ସ୍ତମ୍ଭକାର ରତ୍ନାକର ଦାସ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଧୈର୍ଯ୍ୟ, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ଦୃଢ଼ ସଂକଳ୍ପ ଓ ଦକ୍ଷତାର ଅଭିବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପରିଚାଳନା କରିଥିଲେ। ବିନାଶ କୁମାର ମିଶ୍ର ସହାୟତା କରିଥିଲେ। ମାଲକାନଗିରିର ପରିବର୍ତ୍ତନ ଶିଶୁଗୃହ, ନୀଳାଚଳ ଆଦିବାସୀ ସେବାଶ୍ରମ, ଜୟ ଶିଶୁ ଗୃହ ଓ ବନବାସୀ ଶିଶୁ ଆଶ୍ରମର ଅନ୍ତେବାସୀ, ମୁଖ୍ୟ ପରିଚାଳକ, ସମସ୍ତ କର୍ମକର୍ତ୍ତା, ଶିଶୁ ସହାୟତା ଲାଇନର କର୍ମକର୍ତ୍ତା, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହ କର୍ମକର୍ତ୍ତା ଏବଂ ମାଲକାନଗିରି ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁଦେଷ୍ଣା, ମୌସୁମୀ, ଗଙ୍ଗାବଡରାଜୁ, ସୁଶାନ୍ତ, ଶିବ ଓ ଅନ୍ୟମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଗ୍ରୀଷ୍ମକାଳୀନ ଅଧିବେଶନରେ ଶିଶୁଗୃହର ଅନ୍ତେବାସୀଙ୍କ ପାଇଁ ଯୋଗ, ଧ୍ୟାନ ପ୍ରଶିକ୍ଷଣ, ଆତ୍ମସୁରକ୍ଷା କୌଶଳର ପ୍ରଶିକ୍ଷଣ, ହସ୍ତକଳା, ହସ୍ତଶିଳ୍ପ ପଦାର୍ଥ ପ୍ରସ୍ତୁତି ପ୍ରଶିକ୍ଷଣ, ସଙ୍ଗୀତ, ନୃତ୍ୟ ଆଧୁନିକ ଚିତ୍ରାଙ୍କନ, ବିତର୍କ କୌଶଳ ପ୍ରଶିକ୍ଷଣ ଓ ତୀରନ୍ଦାଜ କୌଶଳ ପ୍ରଶିକ୍ଷଣ, ଜୁଡୋ, ମାର୍ଶଲ ଆର୍ଟ କୌଶଳ ଆଦି କାର୍ଯ୍ୟକ୍ରମ ସହ ପର୍ବତ ଆରୋହଣ ପ୍ରଶିକ୍ଷଣ ପାଇଁ ଧାର୍ଯ୍ୟ କରାଯାଇଛି। ପିଲାଙ୍କୁ ତାଲିମ ଦେବା ପାଇଁ ମାଲକାନଗିରି ସହ କୋରାପୁଟ ଓ ନବରଙ୍ଗପୁର ଜିଲାର ଦକ୍ଷତା ସମ୍ପନ୍ନ ପ୍ରଶିକ୍ଷକଙ୍କୁ ନିମନ୍ତ୍ରଣ କରାଯିବା ସହ ମାଲକାନଗିରି ଅଲ ଇଣ୍ଡିଆ ମାର୍ଶଲ ଆର୍ଟ ଏକାଡେମୀର ଦକ୍ଷ ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରାଯାଇଛି।

# ଭବିଷ୍ୟତ ପିଢ଼ି ବଞ୍ଚିବାକୁ ହେଲେ ପରିବେଶ ସୁରକ୍ଷା ଜରୁରୀ



ବିଶ୍ୱ ପରିବେଶ ଦିବସରେ ଚାରାରୋପଣ କରାଯାଉଛି।

### ସ୍ୱାଭିମାନ ଅଞ୍ଚଳରେ ବିଶ୍ୱ ପରିବେଶ ଦିବସ

ମାଲକାନଗିରି,୬।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମାଲକାନଗିରି ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜାତି, ଜନଜାତି ଓ ବନବାସୀଙ୍କୁ ପରିବେଶ ସୁରକ୍ଷା ନେଇ ସଚେତନ କରିବା ଲାଗି ଚମ୍ପାଝଲା ଗ୍ରାମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଗାମୀ ଭବିଷ୍ୟତ ପିଢ଼ି ବଞ୍ଚିବାକୁ ହେଲେ ବିଗିଡ଼ି ଯାଉଥିବା ପରିବେଶକୁ ସୁଧାରିବା ସହ ପରିବେଶର ସୁରକ୍ଷା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା, ପ୍ଲାଷ୍ଟିକ ବ୍ୟବହାର ନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ଥିଲା ଏଣ୍ଡିଙ୍ଗ ପ୍ଲାଷ୍ଟିକ ପଲ୍ୟୁସନ୍ ଅର୍ଥାତ୍ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ । ଏଥିପ୍ରତି ସମସ୍ତେ ଧ୍ୟାନ ଦେବାପାଇଁ ଆହ୍ୱାନ ଦିଆଯାଇଥିଲା। ପ୍ଲାଷ୍ଟିକ ଆବର୍ଜନା ବୃଦ୍ଧି ଯୋଗୁ ମୃତ୍ତିକା, ଜଳ, ଜଙ୍ଗଲ ଓ ଜୈବ ବିବିଧତା ବିପଦର ସମ୍ମୁଖୀନ ହେଉଛି। ନଦୀ ଓ ଜଳାଶୟ ସମୂହ ପ୍ଲାଷ୍ଟିକ ଦ୍ୱାରା ପ୍ରଦୂଷଣ ହେଉଛି। ଏଣୁ ପ୍ଲାଷ୍ଟିକ ବ୍ୟବହାର ନ କରି ତାର ବିକଳ୍ପ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବନାଞ୍ଚଳର ବନପାଳ ନିରଞ୍ଜନ ସାରକା, ବନରକ୍ଷୀ ସାରୁ କୁଆସି, ସଞ୍ଜୟ କୁମାର ପରିଡ଼ା, ଶଶାଙ୍କ କୁମାର ଦାଶ, ରାମଚନ୍ଦ୍ର ମାଛ, ସଂଗ୍ରାମ ବରାଳ, ସନ୍ତୋଷ କୁମାର ପାଇକ, ବଳଦେବ ଧାରୁଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଅନୁସୂଚିତ ଜାତି ଜନଜାତି ମହିଳା ପୁରୁଷମାନେ ଯୋଗଦେଇ ଚାରାରୋପଣ କରିଥିଲେ।

# କୁକୁଡ଼ାଗାଲିରେ ଚଢ଼ାଉ: ୮ ବାଇକ୍, ଛେଳି ଜବତ

ମାଲକାନଗିରି,୬।୬(ଗୌରୀଶଙ୍କର ପଣ୍ଡା)



ଜବତ ହୋଇଥିବା ବାଇକ୍।

ମାଲକାନଗିରିଜିଲା ସଦର ବ୍ଲକ୍ ଗୌଡ଼ଗୁଡ଼ା ସଦର ପଞ୍ଚାୟତରେ କୁକୁଡ଼ାଗାଲି ଚାଲୁଥିବା ବେଳେ ପୋଲିସ ଅଚାନକ ଚଢ଼ାଉକରି ସେଠାରୁ ଏକ ଛେଳି ଆଣି ଥାନାରେ ଅଟକ ରଖିଛି। ଗୁରୁବାର ରାତିରେ ଗୌଡ଼ଗୁଡ଼ାଠାରେ କୁକୁଡ଼ାଗାଲି ସହ ଜୁଆ ଆଡ୍ଡା ଚାଲିଥିବା ମାଲକାନଗିରି ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଏକ ଟିମ୍ ଚଢାଉ କରିଥିଲା। ପୋଲିସକୁ ଦେଖି ସେଠାରୁ ସମସ୍ତେ ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ ସ୍ଥାନରୁ ଗୋଟିଏ ଛେଳି, ୮ଟି ମୋଟର ସାଇକେଲ, ଜେନେରେଟର, ମାଇକ୍ ସେଟ୍ ଇତ୍ୟାଦି ଜବତକରି ଆଣିଛି। ତେବେ ଏହି ଛେଳିଟି କୁକୁଡ଼ାଗାଲିରେ ଲାଗିଥିବା ବେଳେ କୁକୁଡ଼ା ଗାଲିରେ ଯେଉଁ ଦଳ ଜିତିବ ସେହି ଦଳକୁ ୨୦ ହଜାର ଟଙ୍କା ସହ ଛେଳି ପୁରସ୍କାର ସ୍ୱରୂପ ଦେବାପାଇଁ ରଖାଯାଇଥିଲା। ବୋଲି ପୋଲିସ କହିଛି। ବାଇକ୍ ମାଲିକ ଓ ଛେଳି ମାଲିକଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ସୀମାନ୍ତରେ ଟ୍ରକ୍ ଜାଳିଦେଲେ ମାଓବାଦୀ

ମାଲକାନଗିରି, ୬।୬ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର କରେମରକା ଏବଂ ଭେରମଗ ମଧ୍ୟରେ ଯାଇଥିବା ୬୩ ନମ୍ବର ଜାତୀୟ ରାଜପଥରେ କିଛି ସଶସ୍ତ୍ର ମାଓବାଦୀ ଏକ ଟ୍ରକକୁ ଜାଳି ଦେଇଛନ୍ତି। ଟ୍ରକର ଡ୍ରାଇଭରକୁ ସେଠାରୁ ଚାଲିଯିବାକୁ ଧମକ ଦେଇଥିଲେ।। ପରେ ପେଟ୍ରୋଲ ଢାଳି ଟ୍ରକକୁ ନିଆଁ ଲଗାଇ ପୋଡି ଦେଇଥିଲେ। ଘଟଣା ସମ୍ପର୍କରେ ଭୈରମଗଡ ଥାନା ପୋଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଦିନକୁ ଦିନ ମାଓବାଦୀ ଗଡ଼ ଭୁଶୁଡିବାରେ ଲାଗିଥିବା ବେଳେ ନିଜର ସ୍ଥିତି ଜାହିର କରିବାକୁ ଏପରି କାଣ୍ଡ ଘଟାଇଥିବା ଜଣାପଡିଛି ।

# ପରିବେଶ ଦିବସରେ ମହିଳାଙ୍କ ସଚେତନତା ଶୋଭାଯାତ୍ରା

ପଡିଆ,୬।୬ (ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ବାପନପଲ୍ଲୀ ପଞ୍ଚାୟତ ସଦର ମହକୁମାରେ ଗୁରୁବାର ପରିବେଶ ଦିବସ ପାଳନ ସହ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଇଟି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ କାର୍ଯ୍ୟକ୍ରମରେ ଆଇଜିଡି ଏନଜିଓ କର୍ମୀଙ୍କ ସମେତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ଏହି ଅବସରରେ ବାପନପଲ୍ଲୀ ପଞ୍ଚାୟତ ପରିସର ଓ ଆଖପାଖ ଅଞ୍ଚଳରେ ଆବର୍ଜନା କୁଢ ହୋଇ ରହିଥିବା ସ୍ଥାନକୁ ମହିଳାମାନେ ସଫେଇ କରିବା ସହ ଚାରାରୋପଣ କରିଥିଲେ। ଏହାପରେ ଏକ ଶୋଭଯାତ୍ରାରେ ପଞ୍ଚାୟତ ସଦର ମହକୁମା ବୁଲି ପରିବେଶ ପରିଷ୍କାର ପରିଚ୍ଛନ୍ନ କରି ରଖିବା ନେଇ ସଚେତନତା ସୃଷ୍ଟି କରାଯାଇଛି। ଏହାପରେ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ଜିନିଷ ତ୍ୟାଗ, ନିଜ ସହ ଆଖପାଖ ଅଞ୍ଚଳକୁ ସଫା ସୁତୁରା ରଖିବା ନେଇ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବାପନପଲ୍ଲୀ ପଞ୍ଚାୟତ କର୍ମଚାରୀ ମାଝୀ ରାମଚନ୍ଦ୍ର, ଏମବିକେ କନକଲତା ମଜୁମଦାର ବିଭିନ୍ନ ଗ୍ରାମର ସିଆରପି, ଆଇଜିଡି ଏନଜିଓର ପଞ୍ଚାୟତ ସଂଯୋଜକ ଗୋବିନ୍ଦ ସରଦାର, ନୟାମୀ ଖରା, ଝିଲି ସିଲ ଓ ପୂଜା ଚକ୍ରବର୍ତ୍ତୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ୪୦ ରୁ ଊର୍ଦ୍ଧ୍ୱ ମହିଳା ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ।



ଶୋଭାଯାତ୍ରାରେ ମହିଳାମାନେ ସଚେତନତା ବାର୍ତ୍ତା ଦେଉଛନ୍ତି।

# ଭୂମିଆ ସମାଜର ତୃତୀୟ ବାର୍ଷିକ ଉତ୍ସବ

ମାଥିଲି,୬।୬(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ୍ କୋରାପାଲ୍ଲୀ ମୂଳ ନିବାସୀ ଭୂମିଆ ସମାଜ ପକ୍ଷରୁ କିଆଙ୍ଗ ପଞ୍ଚାୟତ ସିନ୍ଧିଗୁଡାଠାରେ ଗୁରୁବାର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ତ୍ରିନାଥ ଭୂମିଆ, କୁଳ ନାୟକ ଓ ସମାରୁ ନାୟକଙ୍କ ନେତୃତ୍ୱରେ ୨୧ ଖଣ୍ଡ ଗ୍ରାମର କୁଳ ନାୟକ ଓ କୁଳ ସଭାପତିଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଦିବାସୀ ମହାସଘ ସଭାପତି ବନ୍ଧୁ ମୁଦୁଲି,ଭୂମିଆ ସମାଜ ଜିଲା ସଭାପତି ଜଗନ୍ନାଥ ସମରଥ, ସାଲିମି ଗଡ଼ ଭୂମିଆ ସମାଜ ସଭାପତି ତୁଳସିରାମ ଭୂମିଆ, ମୁଖ୍ୟ ବକ୍ତାଭାବେ ସରକାରୀ ଆଦିବାସୀ ସଂଘ ବ୍ଲକ ସଭାପତି ବୃନ୍ଦାବନ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋରାପାଲ୍ଲୀ ଭୂମିଆ ସମାଜ ସମ୍ପାଦକ ନରସିଂହ ନାୟକ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଉପଦେଷ୍ଟା ଲବ ଭୂମିଆ, ଚାଉଳମେନ୍ଦୀ ସରପଞ୍ଚ ଜଳନ୍ଧର ନାୟକ, କିଆଙ୍ଗ ସରପଞ୍ଚ ଲକିନାଥ ପୂଜାରୀ ଓ ଗୌର ଚନ୍ଦ୍ର ନାୟକ ଯୋଗଦେଇ ପ୍ରଥମେ ଭୂମିଆ ସମାଜ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ ଓ ଆମ୍ବେଡ଼କରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।

ଉପଦେଷ୍ଟା ତ୍ରିନାଥ ଭୂମିଆ ଅତିଥି ପରିଚୟ କରିଥିଲେ। ଅତିଥିଙ୍କ ଦ୍ୱାରା ୨୧ଖଣ୍ଡ ଗ୍ରାମର କୁଳ ନାୟକ ଓ କୁଳ ସଭାପତି ଖବରଦାତା ବାସୁଦେବ ଜେନା ଓ ଶିପ୍ରସାଦ ପରିଛାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

ରାଜ୍ୟ ହେଉ କିମ୍ବା କେନ୍ଦ୍ର ସରକାର ଭୂମିଆ ଜନଜାତିର ବୀର ସନ୍ତାନମାନଙ୍କୁ ସ୍ୱାଧୀନତା ସଂଗ୍ରାମୀର ସରକାରୀ ମାନ୍ୟତା ଦେଇ ନାହାନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଂରେଜ ଗୁଳିରେ ଶହୀଦ ହୋଇଥିବା ଓ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିବା ବୀର ସନ୍ତାନମାନଙ୍କୁ ଜାତୀୟ ମାନ୍ୟତା ଦେବା ସହ ଭୂମିଆ ଜନଜାତିଙ୍କ ଉନ୍ନତି ପାଇଁ ଶିକ୍ଷାଗତ ଭିତ୍ତିରେ ସରକାରୀ ଚାକିରି ଦେବାପାଇଁ ସରକାରଙ୍କ ପାଖରେ ଦାବି ରଖିଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ଆଦିବାସୀ ଢେମ୍‌ସା ନୃତ୍ୟ ମହିଳା, ପୁରୁଷ, ଯୁବକ ଓ ଯୁବତୀମାନଙ୍କ ମନ ମୋହିଥିଲା ।



ଉତ୍ସବରେ ନୃତ୍ୟ ପରିବେଷଣ କରିଥିବା କଳାକାରମାନେ ।






12

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




# ଜବରଦଖଲ ଉଚ୍ଛେଦକୁ ବିରୋଧ କରିବା ନିଷ୍ପତ୍ତି

**ନାଗରିକ ମଞ୍ଚ ପକ୍ଷରୁ ସର୍ବଦଳୀୟ ବୈଠକ**

- ଯେଉଁମାନଙ୍କ ଘର ଭଙ୍ଗାଯାଇଛି ସେମାନଙ୍କୁ ଥଇଥାନ, କ୍ଷତିପୂରଣ ଦାବି
- ମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇବେ ବରିଷ୍ଠ ନାଗରିକ

ଉମରକୋଟ, ୬।୬(ସନ୍ତୋଷ ଶତପଥୀ)


ବୈଠକରେ ଆଲୋଚନା କରାଯାଉଛି।

ପ୍ରଶାସନର ଜବରଦଖଲ ଉଚ୍ଛେଦ ବିରୋଧରେ ନାଗରିକ ମଞ୍ଚ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଉମରକୋଟ ସହର ଗୁଲିପାଟଣା ସାହିସ୍ଥିତ ବାବା ବୈଦ୍ୟନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ରାଜନେତା ଜୟଦେବ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ତିନି ଦଳର ପ୍ରମୁଖ ନେତାମାନେ ଯୋଗଦେଇଥିଲେ। ସର୍ଭେ ଓ ସେଟେଲମେଣ୍ଟ ନ କରି ଯଦି ପ୍ରଶାସନ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରେ, ଏହାକୁ ଉମରକୋଟ ସହରବାସୀ ବିରୋଧ କରିବେ। ଦରକାର ପଡିଲେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଝରିଗାଁ ରୋଡ଼ ମେନ୍ଦାବେଡ଼ା ଗାଁର ମୁଖ୍ୟ ରାସ୍ତାକଡ଼ରେ କେତେଜଣ ସରକାରୀ ଜମିରେ ଘର ଓ ଦୋକାନ କରିଥିଲେ। କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଉକ୍ତ ଦୋକାନ ଓ ଘରକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା। ଏହା ପରେ ସରକାରୀ ଜମିରେ ଘର କରି ରହିଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକ ପ୍ରକାର କୋକୁଆଭୟ ସୃଷ୍ଟି ହୋଇଯାଇଛି। ଅନ୍ୟପଟେ ଆଗାମୀ ଦିନରେ ଗଡିଗୁଡ଼ା ଏବଂ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଥିବା ଘରଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ଉମରକୋଟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଦିଆଯାଇଛି, ଯାହାକୁ ବୈଠକରେ ବିରୋଧ କରାଯାଇଛି। ଏଥିସହ ମେନ୍ଦାବେଡ଼ାରେ ଯେଉଁମାନଙ୍କ ଘର ଭାଙ୍ଗି ଦିଆଯାଇଛି, ସେମାନଙ୍କୁ ପ୍ରଥମେ ଥଇଥାନ ଓ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଉମରକୋଟ ସହରର ବରିଷ୍ଠ ନାଗରିକଙ୍କ ଏକ ଟିମ୍ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ସହ ସାକ୍ଷାତ୍ କରିବେ। ତାଙ୍କ ନିକଟରେ ସବିଶେଷ ତଥ୍ୟ ରଖି ଉଚ୍ଛେଦ ଅଭିଯାନ ବନ୍ଦ, ସର୍ଭେ ଓ ସେଟେଲ ମେଣ୍ଟ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଉପସ୍ଥିତ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ ଘର ଭଙ୍ଗାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ଓ ରାଇଘର ତହସିଲରେ ୧୯୫୨ ପରଠାରୁ ସର୍ଭେ ଓ ସେଟଲମେଣ୍ଟ କାର୍ଯ୍ୟ ହୋଇନାହିଁ। ଏହା ନ କରି ସହରରେ ଲୋକଙ୍କ ଘରଗୁଡ଼ିକୁ ଭାଙ୍ଗିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଏହା ସମ୍ବିଧାନର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ନେଇ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ପୂର୍ବତନ ନଗରପାଳ ପି.ରାବଣା ରାଓ, ଝାଡ଼େଶ୍ୱର ମହାନ୍ତି, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ରାମ ନାୟକ, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, କାଉନ୍‌ସିଲର ତପନ ଦେବନାଥ, ସରୋଜିନୀ ଶବର, ନିଲମ ହରିଜନ, ଚିତ୍ତରଞ୍ଜନ ପାତ୍ର ଓ ମୁନା ପାଢ଼ୀ, ନେତ୍ର ହରିଜନ, ସାମାଜିକ କର୍ମୀ କାଜାମ ମଦାନୀ, ପପୁ ଝିଲାନି, ମନୋଜ ଧଳ, ଟୁଲୁ ସାହୁ, ବାବୁଲା ସାହୁ, ସଲିମ ରାଠୋର, କୁର୍ମା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ତେଲନଦୀ ଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର


ଅତିଥିଙ୍କଠାରୁ ତେଲନଦୀ ଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି।

ଝରିଗାଁ, ୬।୬(କିଶୋର ଚନ୍ଦ୍ର ମଣ୍ଡଳ)

ଭୁବନେଶ୍ୱରସ୍ଥିତ ଓୟୁଏଟିର କୃଷି ଶିକ୍ଷା ସଦନରେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ପରିବେଶ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏବଂ ମୁଖ୍ୟ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ତେଲନଦୀ ଗାଁସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଝରିଗାଁ ବ୍ଲକର ତେଲନଦୀ ଗାଁସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ନିମନ୍ତେ ଚୟନ କରିଥିବାରୁ ଝରିଗାଁ ବନାଞ୍ଚଳ ଅଧିକାରୀ ଓ ନବରଙ୍ଗପୁର ଜିଲା ବନଖଣ୍ଡ ଅଧିକାରୀଙ୍କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ ଜଣାଇଛନ୍ତି।

## ବିକାଶ ବାହାନ ଯାତ୍ରା ପ୍ରସ୍ତୁତି ବୈଠକ


ବୈଠକରେ ଅଧିକାରୀ, ଜନ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

ଡାବୁଗାଁ, ୬।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟର ବିଡିଓଙ୍କ ପ୍ରକୋଷ୍ଠରେ ବିକାଶ ବାହାନ ଯାତ୍ରା କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଶୁକ୍ରବାର କରାଯାଇଛି। ନୂତନ ସରକାରଙ୍କ ୧ ବର୍ଷ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାମକୁ ଏଲ୍‌ଇଡି ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯିବା ନେଇ ସ୍ଥିର ହୋଇଛି। ଚଳିତ ମାସ ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ବିଡିଓ ଶରତ ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦ୍ମନାଭ ଭାଲ୍ଲା, ଏ.ଡି. ପ୍ରସାଦ, ଅର୍ଜୁନ ଭତ୍ରା, ଦିବ୍ୟଶଙ୍କର ପୂଜାରୀ, କାମିନୀ ହରିଜନ ଓ ରୂପାଲୀ ମଣ୍ଡଳ ସମସ୍ତ ସରପଞ୍ଚ, ଏସିଡିଓ, ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ।

## ଜନହିତକର ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବାକୁ ଆହ୍ୱାନ


ବୈଠକରେ ଉପସ୍ଥିତ ଭାଜପା ନେତା ଓ ଦଳୀୟ କର୍ମକର୍ତ୍ତା।

ନବରଙ୍ଗପୁର, ୬।୬(ସଦାଶିବ ପ୍ରହରାଜ)

**ଭାଜପାର ଜିଲାସ୍ତରୀୟ କର୍ମଶାଳା**

ବିକଶିତ ଭାରତର ଅମୃତ କାଳ, ସେବା, ସୁଶାସନ ଏବଂ ଗରୀବ କଲ୍ୟାଣରେ କେନ୍ଦ୍ରର ୧୧ ବର୍ଷ ଓ ରାଜ୍ୟର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ କର୍ମଶାଳା ନବରଙ୍ଗପୁର ଜିଲା ଭଜପା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କୁଞ୍ଜ ବିହାରୀ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ବିକାଶ ମୂଳକ ଗରୀବ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛି। ସରକାରଙ୍କ ଜନହିତକର ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ଓଡିଶା ସରକାରଙ୍କ ସୁଭଦ୍ରା ଭଳି ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ ହୋଇ ପାରିଛି। ବିକଶିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାର ପ୍ରସାର ପାଇଁ କର୍ମକର୍ତ୍ତା ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଭାଜପାର ସମସ୍ତ ନେତୃ ମଣ୍ଡଳୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସରକାରଙ୍କ ନିଷ୍ପତ୍ତିରେ ବନ୍ଧା ୩୪୪ ଚାଷୀଙ୍କ ଭାଗ୍ୟ

ନବରଙ୍ଗପୁର, ୬।୬(ସଦାଶିବ ପ୍ରହରାଜ)

**ମଣ୍ଡିରେ ଧାନ ଦେଇ ଚାଷୀ ଟଙ୍କା ନପାଇବା ଘଟଣା**

୩୪୪ ଜଣ ଚାଷୀଙ୍କ ଭାଗ୍ୟ ଏବେ ସରକାରଙ୍କ ନିଷ୍ପତ୍ତି ଉପରେ। ମଣ୍ଡିରେ ଧାନ ଦେଇ ଚାଷୀ ଟଙ୍କା ପାଉନାହାନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ଧାନ ମଣ୍ଡିରୁ ଯାଇ ମିଲ ମାଲିକମାନଙ୍କ ପାଖରେ ରହିଛି। ତେବେ ଧାନର ଠିକ ହିସାବ ଏବଂ ଓଜନରେ ମିଲ୍‌ରେ ରହିଛି କି ନାହିଁ ସେ ନେଇ ତଦନ୍ତ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଲ୍ୟାମ୍ପ୍‌ସ ଧାନ କିଣିବା ପରେ ମିଲ୍‌ମାନଙ୍କୁ ଧାନ ଯୋଗାଣ ସମୟରେ ଅନ୍‌ଲାଇନ ଟିପି କଟା ନ ଯାଇ ଅଫ୍‌ଲାଇନ ଟିପି କିଭଳି କଟାଯାଇଛି ତାହାର ମଧ୍ୟ ତଦନ୍ତ ହେବା ଆବଶ୍ୟକ ରହିଛି। ସେହିଭଳି ଅନେକ ମିଲକୁ ବିନା ଟିପିରେ ଧାନ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ୩୪୪ ଜଣ ଚାଷୀଙ୍କ ୧୪,୨୦୦ କୁଇଣ୍ଟାଲ ଧାନ ଏବେ ୭ଟି ମିଲ୍‌ରେ ଗଚ୍ଛିତ ଥିବା ନଥିପତ୍ର କହୁଛି। ବାସ୍ତବରେ ଧାନ ଗୋଦାମରେ ରହିଛି କି ନାହିଁ ତାହାର ତଦନ୍ତ କରିବାକୁ ଦାବି ହୋଇଛି। ତେବେ ଏବେ ସୁଦ୍ଧା ୩୪୪ ଜଣ ଚାଷୀଙ୍କ ୪ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବେଯାଏ ମିଳିନି। ଏଭଳି ସ୍ଥଳେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଚାଷୀଙ୍କୁ ନେଇ ଭୁବନେଶ୍ୱରରେ ଆନ୍ଦୋଳନ କରୁଛନ୍ତି।

ସୂଚନାନୁଯାୟୀ, ରାଇଘର ବ୍ଲକର ୩୪୪ ଚାଷୀ ଗତ ଫେବୃଆରୀରେ ମଣ୍ଡିରେ ଧାନ ଦେଇଥିଲେ। ଇତିମଧ୍ୟରେ ଦୀର୍ଘ ତିନି ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚାଷୀ ଟଙ୍କା ପାଇନାହାନ୍ତି। ବାରମ୍ବାର କାର୍ଯ୍ୟାଳୟକୁ ଯାଇ ହତାଶ ହେବା ପରେ ଚାଷୀ ଲ୍ୟାମ୍ପ୍‌ସକୁ ଘେରାଉ କରିଥିଲେ। ଏହି ଘଟଣାକୁ ନେଇ ଜିଲା ଏଆର୍‌ସିଏସ ଶିବ ଶଙ୍କର ପ୍ରଧାନ, ଏସିଏସ୍‌ଓ ବିଷ୍ଣୁ ପ୍ରସାଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ ଓ ରାଇଘର ଯୋଗାଣ ନିରୀକ୍ଷକ ଦେବଧର ଧରୁଆ ତଦନ୍ତ କରି ଏହାର ରିପୋର୍ଟ ଜିଲାପାଳଙ୍କୁ ଦେଇଥିଲେ। ଜିଲା କଂଗ୍ରେସ ଓ ବିଜେଡି ମଧ୍ୟ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଗତ ୨୯ ତାରିଖରେ ଲ୍ୟାମ୍ପ୍‌ସ ଏମ୍‌ଡି ନିରାକାର ରାଉତଙ୍କୁ ନିଲମ୍ବିତ କରାଯାଇଛି। ତେବେ ମିଲମାନଙ୍କରେ ଧାନ ରହିଛି କି ନାହିଁ ବୋଲି ପଚାରିବାରୁ ୭ ମିଲରେ ଧାନ ରହିଛି। ସରକାରଙ୍କ ଦୃଷ୍ଟିକୁ ନିଆଯାଇଛି। ଅତିଶୀଘ୍ର ସରକାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ତେବେ ଆଦର୍ଶ ମିଲରେ ୬୭୪.୨ କିଲୋ, ଭାଗୀରଥି ମିଲରେ ୨୨୨୫.୬୪, ବାବା ବୈଦ୍ୟନାଥରେ ୮୭.୧୨, ହାଇ ରାଇସମିଲରେ ୧୧୨୮.୮୫, ଗ୍ରାଣ୍ଡ ଅଂଶୁରେ ୧୩୫୯.୪୫, ସାଇ ସୁରିୟା ମିଲରେ ୬୨୦୪.୩୬ ଓ ସ୍ୱାଇଁ ଆଣ୍ଡ ସନ୍ସରେ ୨୫୨୨.୩୫ କିଲୋ ଧାନ ରହିଥିବା ଜଣାପଡ଼ିଛି। ସରକାର ଆସିବା ପରେ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯାଉଥିବା ଭାଜପା କହୁଛି। କିନ୍ତୁ ରାଇଘର ବ୍ଲକରେ ଚାଷୀ ଧାନ ଦେଇ ଟଙ୍କା ପାଉନାହାନ୍ତି। ଏଠାରେ ଚାଷୀଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ ବୋଲି ବିଜେଡି ଓ କଂଗ୍ରେସ ନେତାମାନେ କଟାକ୍ଷ କରୁଛନ୍ତି।

## ଚାଷୀଙ୍କୁ ଉନ୍ନତ ଚାଷ ସମ୍ପର୍କରେ ବୈଷୟିକ ଜ୍ଞାନ


ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଝରିଗାଁ,୬।୬(କିଶୋର ଚନ୍ଦ୍ର ମଣ୍ଡଳ)

ଭାରତ ସରକାରଙ୍କ କୃଷି ଓ କୃଷକ ମନ୍ତ୍ରଣାଳୟ ପକ୍ଷରୁ ଦେଶର କୃଷି ଓ କୃଷକଙ୍କ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ଗୁରୁବାର ଝରିଗାଁ ବ୍ଲକ୍‌ର ଧାମନାଗୁଡ଼ା, ବକଡ଼ାବେଡ଼ା, କାନାକୋଟ, ଏକମ୍ବା, ବେଲଗାଁ, ଗୁରୁସିଙ୍ଗା ଆଦି ପଞ୍ଚାୟତ ସଦରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଗୋଷ୍ଠୀ କୃଷି ଅଧିକାରୀ ସୁନୀତା ସିଂଙ୍କ ଅଧ୍ୟକ୍ଷତାରେ ବକଡାବେଡା ଏବଂ ଏକମ୍ବା ଗ୍ରାମରେ ଚାଷୀଙ୍କୁ ଉନ୍ନତ ଚାଷ ସମ୍ପର୍କରେ ଅବଗତ କରାଯାଇଛି। ସେହିପରି ଡାକ୍ତର ରୁଦ୍ରପ୍ରସନ୍ନ ମହାଲିକ, ବରିଷ୍ଠ ବୈଜ୍ଞାନିକ ଡ. ଶଶାଙ୍କ ଲେଙ୍କା, ଡ. ଅନିରବାନ ପାଉଲ୍, କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଗ, ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରର ଡ. ପରିତୋଷ ମୁର୍ମୁ, ଡ. ନୀତୀଶ ଚନ୍ଦନ, ଉମରକୋଟ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ନାଏକ, ରାଇଘର ବ୍ଲକ୍ କୃଷି ଅଧିକାରୀ ରଶ୍ମିକାନ୍ତ ସାହୁ, କୃଷିଯନ୍ତ୍ରୀ ସ୍ୱାଗତିକା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ, ନୂତନ ପଦ୍ଧତିରେ ଚାଷ ପ୍ରଣାଳୀ ନେଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍‌ର ସମସ୍ତ କୃଷିଓଭରସର, ସଞ୍ଜୟ କୁମାର ପ୍ରଧାନ, ପ୍ରଦୀପ ଦ୍ୱିବେଦୀ, ସୁଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷକ କୃଷ୍ଣଚନ୍ଦ୍ରଙ୍କ ସ୍ମୃତିସଭା

ତେନ୍ତୁଳିଖୁଣ୍ଟି, ୬।୬(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ପରଜାଦେଓପାଲି ବିଦ୍ୟାଳୟର ଦିବଂଗତ ଶିକ୍ଷକ କୃଷ୍ଣ ଚନ୍ଦ୍ର ରଥଙ୍କ ସ୍ମୃତିସଭା କରାଯାଇଛି। ଅମର ଆତ୍ମାର ସଦ୍‌ଗତି କାମନାକରି ନୀରବ ପ୍ରାର୍ଥନା କରାଯାଇଛି। ସରକାରଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

## ପ୍ଲାଷ୍ଟିକ୍ ପ୍ରଦୂଷଣ ବନ୍ଦ, ଚାରାରୋପଣକୁ ଗୁରୁତ୍ୱ

ଜୟପୁର, ୬।୬(ପବନ ପାଣିଗ୍ରାହୀ)

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଅବକାରୀ ବିଭାଗ ତରଫରୁ ଗୁରୁବାର ଚାରାରୋପଣ କାଯ୍ୟକ୍ରମ କରାଯାଇଛି। ଏହା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଜୟପୁର ଅବକାରି ନୀରିକ୍ଷକ କାଯ୍ୟାଳୟ, ଅବକାରୀ ଥାନା ଓ ରାସ୍ତା କଡ଼ରେ ଚାରା ରୋପଣ କରାଯାଇଥିଲା। କୋରାପୁଟ ଅବକାରୀ ଅଧିକ୍ଷକ, ଜୟପୁର ଡିଏସ୍‌ଇ, ଜୟପୁର ଅବକାରୀ ନୀରିକ୍ଷକ କାଯ୍ୟାଳୟ ଓ ଅବକାରି ଥାନା ପକ୍ଷରୁ ମିଳିତଭାବେ ଚାରାରୋପଣ କରାଯାଇଛି। ମାନବ ଜାତିର ସୁରକ୍ଷା ପାଇ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ସହ ଅଧିକାରୁ ଅଧିକ ଚାରାରୋପଣ କରିବାକୁ ସଚେତନ କରାଯାଇଥିଲା। ଏହି କାଯ୍ୟକ୍ରମରେ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱାଗତିକା ମହାନ୍ତି, ଜୟପୁର ଅବକାରୀ ନୀରିକ୍ଷକ ଶଶୀକାନ୍ତ ଦତ୍ତ, ନନ୍ଦପୁର ନୀରିକ୍ଷକ ଅନ୍ନପୂର୍ଣ୍ଣା ରଥ, କୋରାପୁଟ ନୀରିକ୍ଷକ ସୁଧୀର କୁମାର ସାହୁ, ଜୟପୁର ଥାନାଧିକାରୀ ସୁବ୍ରତ କେଶରୀ ହିରନ, ଜୟପୁର ସାଟେଲାଇଟ ୟୁନିଟ ଓଆଇସି ସଞ୍ଜିବ ପ୍ରଧାନଙ୍କ ସହ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## କଳାର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ

ନବରଙ୍ଗପୁର, ୬।୬(ସଦାଶିବ ପ୍ରହରାଜ)

ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଓ ନବରଙ୍ଗପୁର ଜିଲା କର୍ମକର୍ତ୍ତା ଚୟନ ବୁଧବାର ସ୍ଥାନୀୟ ଆଶାକିରଣ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ରାଜ୍ୟ ସଭାପତି ବିଜୟ ମିଶ୍ର ମୁଖ୍ୟ ଅତିଥି, ପଶ୍ଚିମ ଓଡ଼ିଶା ସଂଘ ସଭାପତି ରତ୍ନାକର ସାହୁ ସମ୍ମାନିତ ଅତିଥି, ଦକ୍ଷିଣ ଓଡ଼ିଶା ସଭାପତି ପ୍ରମୋଦ କୁମାର ଦାଶ ଅନ୍ୟତମ ଅତିଥି ଓ କବି ପ୍ରଭାସିନୀ ମହାନ୍ତି ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ମଞ୍ଚ ଅଭିନୟ, ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ସ୍ଥାପତ୍ୟ, ଲାଖ, ହସ୍ତଶିଳ୍ପରେ ପରିଦର୍ଶିତା ଲାଭ କରିଥିବା ସମସ୍ତ କଳାକାରଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣି ତାଙ୍କ କଳାର ସର୍ବାଙ୍ଗୀନ ବିକାଶ, ପ୍ରସିଦ୍ଧି ଲାଭ ଓ ସରକାର ସହାୟତା ପ୍ରଦାନ ପାଇଁ ପ୍ରେରଣା ପ୍ରଦାନ ଓ ପ୍ରୋତ୍ସାହନ ଦେବା ସଂଘର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ରାଜ୍ୟ ସଭାପତି ମିଶ୍ରଙ୍କ ଅନୁମୋଦନକ୍ରମେ ନବରଙ୍ଗପୁର ଜିଲା ଶାଖା ସଭାପତି ଭାବେ ଶିବଶଙ୍କର ତ୍ରିପାଠୀ, ସାଧାରଣ ସମ୍ପାଦକଭାବେ ରିତେଶ ପୂଜାରୀଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶିନୀ ଚୌଧୁରୀ, ଉପସଭାପତି ଶ୍ରୀନିବାସ ପାତ୍ର, ଦେବୀପ୍ରସାଦ ତ୍ରିପାଠୀ, କୋଷାଧ୍ୟକ୍ଷ ରଘୁନାଥ ରଥ, ସମନ୍ୱୟକ ବିଭୁଦତ୍ତ ସେଠୀ, ଚୈତନ୍ୟ ବେହେରା, କୁମାର ବୈଭବ, ଆଇନ ପରାମର୍ଶଦାତା ମୁରଲୀଧର ପଟ୍ଟନାୟକଙ୍କୁ ଚୟନ କରାଯାଇଛି। ଉପଦେଷ୍ଟାଭାବେ ଜଗନ୍ନାଥ ବେହେରା, ମନୋଜ ମହକୁଡ, ମନୋଜ ମହାରଣା, ପ୍ରଭାସିନୀ ମହାନ୍ତି, ଆଦିଙ୍କୁ ଚୟନ କରାଯାଇଛି। ରାଜ୍ୟସ୍ତରୀୟ ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କଳାକାରମାନେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କଳାକାର।

## ପ୍ରତିରକ୍ଷା ଦକ୍ଷତା ଦେଖାଇଲେ ଏନ୍‌ସିସି କ୍ୟାଡେଟ୍

ନବରଙ୍ଗପୁର, ୬।୬(ସଦାଶିବ ପ୍ରହରାଜ)

**ସେକ୍ସନ୍ ବ୍ୟାଟେଲ୍ ଡ୍ରିଲ୍ ପଦର୍ଶିତ**

ନବରଙ୍ଗପୁର ୧୩ (ଓ) ବାଟାଲିୟନ ଏନ୍‌ସିସି ଆନୁକୂଲ୍ୟରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଖେଳ ପଡ଼ିଆରେ ଶୁକ୍ରବାର ସେକ୍ସନ୍ ବ୍ୟାଟେଲ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଛି। ଉନ୍ନତମାନର ପ୍ରତିରକ୍ଷା ଦକ୍ଷତା ବ୍ୟବହାର କରି ଶତ୍ରୁକୁ କିପରି ପରାସ୍ତ କରାଯାଇପାରିବ ସେ ନେଇ ବ୍ୟାଟେଲ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ୧୩ (ଓ) ଏନ୍‌ସିସି ବାଟାଲିଅନ୍ କମାଇଣ୍ଡିଂ ଅଫିସର କର୍ଣ୍ଣେଲ ସୁନୀଲ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସୁଭାଷିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପୂର୍ବତନ ନୌସେନା ଅଧିକାରୀ ଜୟ ପ୍ରକାଶ ସାହୁ ଯୋଗ ଦେଇ କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ସୁବେଦାର ମେଜର କେଦାରନାଥ ପ୍ରଧାନ, ପ୍ରଥମ ଅଫିସର ଗଙ୍ଗାଧର ନନ୍ଦ, ସୁବେଦାର ଶିବୁ ଏମ୍, ନାଇବ ସୁବେଦାର ବିନୟ କୁମାର ସିଂ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


ଏନ୍‌ସିସି କ୍ୟାଡେଟ୍‌ଙ୍କ ସେକ୍ସନ୍ ବ୍ୟାଟେଲ୍ ଡ୍ରିଲ୍।

# ବିଜେଡିର ସାଙ୍ଗଠନିକ ବୈଠକ: ପଞ୍ଚାୟତ ନିର୍ବାଚନକୁ ଗୁରୁତ୍ୱ

ରାୟଗଡ଼ା,୬।୬(ଆଶିଷ ରଞ୍ଜନ ପଣ୍ଡା)

ଦୁଇଦିନିଆ ରାୟଗଡ଼ା ଜିଲା ଗସ୍ତରେ ଆସିଛନ୍ତି ବିଜେଡି ଚିଫ୍ ହ୍ୱିପ୍ ପ୍ରମିଳା ମଲ୍ଲିକ ଓ କନ୍ଧମାଳ ଜିଲା ସଭାପତି ପଦ୍ମନାଭ ବେହେରା । ଶୁକ୍ରବାର ରାୟଗଡ଼ା ଓ ବିଷମକଟକ ନିର୍ବାଚନମଣ୍ଡଳୀର ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କ ସହିତ ଉଭୟ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ବର୍ତ୍ତମାନ ସମୟ ଅଛି, ମତାନ୍ତର ଭୁଲି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ତୃଣମୂଳସ୍ତରରୁ କାମ କରି ଦଳ କିଭଳି ଭଲ ପ୍ରଦର୍ଶନ କରିପାରିବ, ସେଥିପ୍ରତି ପ୍ରସ୍ତୁତ ହେବାକୁ ଦଳୀୟ ନେତା ଓ କର୍ମୀଙ୍କୁ ପ୍ରମିଳା ମଲ୍ଲିକ୍ ପରାମର୍ଶ ଦେଇଥିଲେ।

ଦୁଇଟି ପର୍ଯ୍ୟାୟରେ ରାୟଗଡ଼ା ଓ ଦୁର୍ଗୀରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରମିଳା ଓ ପଦ୍ମନାଭଙ୍କ ସମେତ ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବିଧାୟିକା ପ୍ରାର୍ଥୀ ଅନସୂୟା ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦୁର୍ଗୀଠାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ସାରକା, ବରିଷ୍ଠ ନେତା ସୁଧୀର ଦାସ ମଞ୍ଚାସୀନ ଥିଲେ। ନବୀନ ପଟ୍ଟନାୟକ ରାୟଗଡ଼ା ଜିଲା ସଭାପତିଙ୍କ ନାମ ଘୋଷଣା ପୂର୍ବରୁ ଜିଲାର ଦଳୀୟ ନେତାଙ୍କ ମତାମତ ସଂଗ୍ରହ କରିଥିଲେ ପ୍ରମିଳା ଓ ପଦ୍ମନାଭ। ବୈଠକରେ ଜିଲା ସଭାପତି ଚୟନ ସମ୍ବନ୍ଧରେ ବିଭିନ୍ନ ନେତା ଓ କର୍ମୀ ମତ ରଖିଥିଲେ। ସଂଗଠନ କରି ଯିଏ ଦଳକୁ ସୁଦୃଢ଼ କରିଥିଲା, ତାଙ୍କୁ ଗତ ୫ ବର୍ଷ ଅଣଦେଖା କରାଗଲା। କଂଗ୍ରେସ ହାତରୁ ଛଡ଼ାଇ ବିଜେଡି ବିଜୟର ପଥ ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ କୋଣଠେସା କରାଗଲା। ଏଭଳିକି ନିର୍ବାଚନ ସମୟରେ ପ୍ରାର୍ଥୀମାନେ ୱାର୍ଡ ଓ ପଞ୍ଚାୟତ କର୍ମୀଙ୍କ ସହିତ ପଦେ କଥା ହେଲେନି। ତେବେ ବର୍ତ୍ତମାନ ଯାହାକୁ ସଭାପତି କରିବେ, ସେହି ବ୍ୟକ୍ତି ସମସ୍ତଙ୍କୁ ସାଥିରେ ନେଇ ଯିବାଭଳି ଦକ୍ଷତା ରହିବା ଆବଶ୍ୟକ। ସବୁ ପଦବୀ ଗୋଟିଏ ନିର୍ବାଚନମଣ୍ଡଳୀକୁ ନ ଦେବା ପାଇଁ ନେତା ଓ କର୍ମୀ ଦାବି କରିଥିଲେ। ପ୍ରମିଳା ଓ ପଦ୍ମନାଭ ସଂଗୃହୀତ ମତାମତ ନବୀନ ପଟ୍ଟନାୟକଙ୍କୁ ଜଣାଇବୁ ବୋଲି ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ଜିଲା ବିଜେଡି ସଭାପତିଙ୍କ ନାମରେ ନବୀନ ମୋହର ଲଗାଇବାକୁ ଯାଉଥିବା ଜଣାପଡିଛି। ତେଣୁ ତାହା ପୂର୍ବରୁ ଜିଲାରୁ ମତାମତ ସଂଗ୍ରହ ସହିତ ଦଳ ଭିତରେ ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ପ୍ରମିଳା ଓ ପଦ୍ମନାଭ ରାୟଗଡ଼ା ଜିଲା ଗସ୍ତରେ ଆସିଥିବା ଆଲୋଚନା ହେଉଛି।

ଗତ ସାଧାରଣ ନିର୍ବାଚନରେ ଜିଲାରେ ବିଜେଡି ସମସ୍ତ ୩ଟି ବିଧାନସଭା ଆସନରେ ହାରିବା ସହିତ କୋରାପୁଟ ଲୋକ ସଭା ପୁଣି ଥରେ ହାରିଥିଲା। ଦଳ ଭିତରେ ଗୋଷ୍ଠୀ ବିବାଦ ପରାଜୟର କାରଣ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। କିନ୍ତୁ ବର୍ତ୍ତମାନ ବିଜେଡି ପୁଣି ଥରେ ସଂଗଠନ ସଜାଡ଼ିବାକୁ ଅଣ୍ଟା ଭିଡ଼ିଛି। ସେହିଭଳି ଶନିବାର ଗୁଣପୁର ନିର୍ବାଚନମଣ୍ଡଳୀରେ ବୈଠକ ଅନୁଷ୍ଠିତ ହେବ। ରାୟଗଡ଼ା ଜିଲାରୁ ବର୍ତ୍ତମାନ ଦଳ ଭଲ ନେତା ସନ୍ଧାନରେ ଥିବା ପରିଲକ୍ଷିତ ହୋଇଛି। ରାଜନୈତିକ ଓ ସାଙ୍ଗଠନିକ ଦକ୍ଷତା ରହିଥିବା ବ୍ୟକ୍ତିଙ୍କୁ ଦଳର ଜିଲା ସଭାପତି କରାଯିବା ନେଇ ଆକଳନ ଚାଲିଛି। ପୂର୍ବତନ ଏମ୍‌ପି ଏନ୍.ଭାସ୍କର ରାଓ ବର୍ତ୍ତମାନ ଜିଲା ସଭାପତି ରହିଛନ୍ତି। ତେବେ ମତାମତ ସଂଗ୍ରହ ପରେ ରାଜ୍ୟ ସଭାପତି କାହାକୁ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ବୈଠକରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ଏନ୍. ଭାସ୍କର ରାଓଙ୍କ ସହ ଅନ୍ୟମାନେ।

**ପୁଣି ଥରେ ସଂଗଠନ ସଜାଡ଼ିବାକୁ ଅଣ୍ଟା ଭିଡ଼ିଛି ବିଜେଡି**

- ଜିଲା ସଭାପତି ପାଇଁ ନେତାଙ୍କ ମତାମତ ସଂଗ୍ରହ
- ଦଳରେ ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ

## ଓଲଟିଲା ଅଟୋ, ଚାଳକ ଗୁରୁତର


ଦୁର୍ଘଟଣାଗ୍ରସ୍ତ ଅଟୋ।

ଚନ୍ଦ୍ରପୁର,୬।୬ (ବିଜୟ ପ୍ରସାଦ ଉଲାକା)

କନ୍ଧମାଳ-ରାୟଗଡ଼ା ଜିଲା ସୀମାନ୍ତ ଚନ୍ଦ୍ରପୁର ବ୍ଲକ୍‌ର ପଣସପଦର ନିକଟସ୍ଥ ଏକ ବୁଲାଣିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଟୋ ଓଲଟି ପଡ଼ିବାରୁ ଅଟୋଚାଳକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଅଟୋଚାଳକ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସାରିକିମାହା ପଞ୍ଚାୟତ ଗେରେଙ୍ଗାଗୁଡା ଗ୍ରାମର ଜଳେନ୍ଦ୍ର ବିବାର (୩୦) ବୋଲି ଜଣାପଡ଼ିଛି। ଜଳେନ୍ଦ୍ର ଅଟୋ ମରାମତି କରିବାକୁ ଗୁରୁବାର କୋଟଗଡ଼ ଗ୍ୟାରେଜକୁ ନେଇ ଯାଇଥିଲେ। ଅଟୋଟି ସମ୍ପୂର୍ଣ୍ଣ ମରାମତି ହୋଇ ନ ଥିବାରୁ ଅନ୍ୟ ଏକ ଅଟୋ ଧରି ଫେରୁଥିବା ସମୟରେ ଷ୍ଟେରିଂ କାମ ନ କରିବାରୁ ଅଟୋଟି ବୁଲାଣି ରାସ୍ତାରେ ବିପରୀତ ଦିଗକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଥିଲେ। ତେବେ ଜଳେନ୍ଦ୍ରଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି।

## ଆକ୍ୟୁପ୍ରେସର, କାଇରୋପ୍ରାକ୍ଟର ଚିକିତ୍ସା ଶିବିର


ରୋଗୀଙ୍କ ଚିକିତ୍ସା କରାଯାଉଛି।

ମୁନିଗୁଡ଼ା,୬।୬(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ସଦର ମହକୁମା ଶୁଣ୍ଡିସାହି ନିକଟରେ ମୁନିଗୁଡ଼ା ରୋଟାରି କ୍ଲବ୍ ରଏଲ ଆନୁକୂଲ୍ୟରେ ଏକ ଆକ୍ୟୁପ୍ରେସର ଓ କାଇରୋପ୍ରାକ୍ଟର ଚିକିତ୍ସା ଶିବିର ଆରମ୍ଭ ହୋଇଛି। ରୋଟାରି କ୍ଲବ୍ ରଏଲର ସଭାପତି ସୁଦାମ ଚରଣ ପଣ୍ଡା ଓ ସମ୍ପାଦକ ନରେଶ କୁମାର ପାତ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ ପଣ୍ଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ବୃନ୍ଦାବନ ଗୌଡ଼, ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଯୋଗଦେଇଥିଲେ। ଡାକ୍ତର ରବୀନ୍ଦ୍ର ବିଶନୋଇ, ଡାକ୍ତର ମଙ୍ଗରାଜ, ମହେନ୍ଦ୍ର ସିଂ, କୈଳାସ କୁମାର ପ୍ରମୁଖ ରୋଗୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିଥିବାବେଳେ ପ୍ରଥମ ଦିନରେ ୫୦ ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରକୁ ରୋଟାରି କ୍ଲବ୍‌ର ପୂର୍ବତନ ସଭାପତି ପ୍ରବୀଣ ସିପକା, ସୁଷମା ସିପକା, ରାଜେଶ ଜୈନ, ରମେଶ ରାଜୁ, ପ୍ରବୀଣ କୁମାର, ଗୌରୀଶଙ୍କର ପାତ୍ର, ଅମିତ ସାହୁ, ବଳଦେବ ଶତପଥୀ, ଜାମି ପୱନ କୁମାର, ଆନନ୍ଦ ରାଓଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।

## ଆଇପିଏଲ୍‌କୁ ନେଇ ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ

**ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ**

ପଟ୍ଟାଙ୍ଗି,୬।୬(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତ ତଳସାହିରେ ଆଇପିଏଲ୍ ଖେଳକୁ ନେଇ ୨ ଭାଇଙ୍କ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ହୋଇଥିଲା। ଏଥିରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ତଳସାହିର ସ୍ୱର୍ଗତ କମୁ ଲାଛନାଙ୍କ ପୁଅ କମୁ ଅଜିତ୍। ଏ ନେଇ ମୃତକଙ୍କ ପରିବାର ପଟ୍ଟାଙ୍ଗି ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ଆଇପିଏଲ୍ ମ୍ୟାଚ୍ ସାହିର ସମସ୍ତ ଯୁବକ ଓ ସାହିବାସିନ୍ଦା ବସି ଦେଖୁଥିଲେ। ଏହି ସମୟରେ ବିରାଟ କୋହଲି ଆଉଟ୍ ହୋଇଯିବାରୁ ଅଜିତ୍ ପାଟିତୁଣ୍ଡ କରିଥିଲେ। ଏହାକୁ ତାଙ୍କ ବଡ଼ବାପାଙ୍କ ପୁଅ କମୁ ପାଉଲୁ ପ୍ରତିବାଦ କରିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ପାଉଲୁ ରାଗିଯାଇ ଏକ ଠେଙ୍ଗାରେ ସାନଭାଇ ଅଜିତ୍‌ଙ୍କ ମୁଣ୍ଡକୁ ପ୍ରହାର କରିବାରୁ ସେ ଗୁରୁତର ହୋଇଥିଲେ। ଅଜିତ୍‌ଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରି ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ପରିବର୍ତ୍ତେ ଆନ୍ଧ୍ରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅଜିତ୍‌ଙ୍କର ମୃତ୍ୟୁ ହୋଇଛି। ଏ ନେଇ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କୁ ପଚାରିବାରୁ ଏହି ଘଟଣାକୁ ନେଇ ଲିଖିତ ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରାଯାଇଥିବା ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସେ କହିଛନ୍ତି।

## ମହିଳା ଉଦ୍ୟୋଗୀଙ୍କୁ ମାନପତ୍ର ସହ ଯନ୍ତ୍ରପାତି ପ୍ରଦାନ



ଅତିଥିଙ୍କ ସହ ତାଲିମ ନେଇ ପ୍ରମାଣପତ୍ର ପାଇଥିବା ମହିଳାମାନେ।

ଟିକିରି,୬।୬ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଶଙ୍କରଡା ଗ୍ରାମରେ ଗୁରୁବାର ଇଡିଆଇଆଇ ପକ୍ଷରୁ ଆଇଡିବିଆଇ ବ୍ୟାଙ୍କ ତରଫରୁ ଏସ୍‌ଏଚ୍‌ଜି ଉଦ୍ୟୋଗୀଙ୍କୁ ମାନପତ୍ର ସହ ଯନ୍ତ୍ରପାତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଡିବିଆଇ ବ୍ୟାଙ୍କ ମ୍ୟାନେଜର ନିହାର ରଞ୍ଜନ, ଆସିଷ୍ଟାଣ୍ଟ ମ୍ୟାନେଜର ମନ୍ମଥ ପଟ୍ଟନାୟକ, ପ୍ରକଳ୍ପ ସଂଯୋଜକ ପପୁନ କୁମାର ପ୍ରଧାନ, ତାରିଣୀ ଚରଣ ସାହୁ ଓ ଅଶ୍ୱିନ ମିଶ୍ର ଉପସ୍ଥିତ ରହି ଏହି ମହିଳା ଉଦ୍ୟୋଗୀଙ୍କୁ ଯନ୍ତ୍ରପାତି ସହ ଆସବାବପତ୍ର ଯେପରିକି ଓଭେନ, ଡୋଭ ମେଶିନ, ଅଏଲ ଡ୍ରାୟର, ସିଲିଂ ମେଶିନ, ଓଜନ ମେଶିନ ସହ ବାସନ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ମହିଳାମାନେ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ପ୍ରକଳ୍ପ ରାଇଜର ୧୮ ଦିନିଆ ମାଣ୍ଡିଆ ଭିତ୍ତିକ ସାମଗ୍ରୀ ପ୍ରସ୍ତୁତି ପାଇଁ ଏକ ଉନ୍ମୁକ୍ତ ପ୍ରଶିକ୍ଷଣ ନେଇଛନ୍ତି। ସେମାନେ ମାଣ୍ଡିଆରେ ଭଳିକି ଭଳି ସୁଆଦିଆ ଖାଦ୍ୟ ଯେପରିକି ମାଣ୍ଡିଆ ଲଡୁ,ନିମିକି , ମୁରୁକି , ମିକ୍ସର୍ , କେକ୍, ପାଉଁରୁଟି ଆଦି ପ୍ରସ୍ତୁତ କରି ବଜାରକୁ ଯୋଗାଇ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି । ଯନ୍ତ୍ରପାତି ପାଇବା ପରେ ମହିଳାମାନେ ଖୁସିବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଚାହିଦା ବଢୁଥିବାରୁ ସେମାନେ ତା'ର ସଦୁପଯୋଗକରି ଆଗକୁ ବଢ଼ିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ପ୍ରଶିକ୍ଷଣ ଓ ଯନ୍ତ୍ରପାତି ନିଃଶୁଳ୍କ ସହାୟତା ମହିଳା ଉଦ୍ୟମୀଙ୍କୁ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ପ୍ରକଳ୍ପ ସଂଯୋଜକ ପପୁନ କୁମାର ପ୍ରଧାନ କହିଛନ୍ତି ।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ନନ୍ଦପୁର,୬।୬(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ମିଶନଶକ୍ତି ବିଭାଗ ପକ୍ଷରୁ ସୀମାଦ୍ରି ମଣ୍ଡପରେ ବ୍ଲକ୍ ଅଧୀନ ୨୩ ପଞ୍ଚାୟତର ମହିଳା ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଓ ପ୍ରଦର୍ଶନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମୀନତି ବାଳା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଅଧ୍ୟାପିକା ରେଣୁକା ହିଆଲ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ୩୩ ମହିଳା ଗୋଷ୍ଠୀଙ୍କ ମାଣ୍ଡିଆରୁ ପ୍ରସ୍ତୁତ ମେଛା, ମାଣ୍ଡରୁ, ଖୀରି, ପକୁଡ଼ି, ପିଠା, ଏଣ୍ଡୁରି, ମାଣ୍ଡିଆ ବିସ୍କୁଟ, ମଣ୍ଡା ପିଠା, କାଙ୍ଗୁ କ୍ଷୀରି, ମାଣ୍ଡିଆ ଲସି, କାକରା ପିଠା, କାଂଗୁ ବିସ୍କୁଟ, ସୁଆଁ ହାଲୁଆ ଆଦି ଖାଦ୍ୟର ପ୍ରସ୍ତୁତ ପ୍ରଣାଳୀ ଓ ଏହାର ଉପାଦେୟତା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରତିଯୋଗିତାରେ ଥିବା ପଞ୍ଚାୟତର ବିଶ୍ୱକଲ୍ୟାଣୀ ମହିଳା ଗୋଷ୍ଠୀ ପ୍ରଥମ ଓ ନନ୍ଦପୁର ପଞ୍ଚାୟତର ଲକ୍ଷ୍ମୀ ମହିଳା ଗୋଷ୍ଠୀ ଦ୍ୱିତୀୟ ହୋଇଥିଲେ। ୨ ଗୋଷ୍ଠୀଙ୍କୁ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନନ୍ଦପୁର ମିଶନ ଶକ୍ତିର ବିପିସି, ବିଏଲସି, ବିଏଲଏଫ ଲିଡର, ଏମବିକେ, ସିଆରପିମାନେ ପ୍ରତିଯୋଗିତା ଆୟୋଜନ କରିଥିଲେ।

## ଭବାନୀପାଟଣା-ହାଇଦ୍ରାବାଦ ବସ୍ ଚଳାଚଳକୁ ସ୍ୱାଗତ

ଜୟପୁର,୬।୬(ପବନ ପାଣିଗ୍ରାହୀ)

ଜୟପୁର ଦେଇ ଭବାନୀପାଟଣାରୁ ହାଇଦ୍ରାବାଦ ଓ ରାଇଘରରୁ ହାଇଦ୍ରାବାଦ ବସ୍ ଚଳାଚଳକୁ ଚାମ୍ବର ଅଫ କମର୍ସ ପକ୍ଷରୁ ସ୍ୱାଗତ କରାଯାଇଛି। ଭବାନୀପାଟଣାରୁ ସନ୍ଧ୍ୟା ୫ଟାରେ ଏହି ଭଲ୍‌ବୋ ବସ୍ ବାହାରି ଜୟପୁରରେ ରାତି ୮ଟାରେ ପହଞ୍ଚିବ। ଏଠାରେ ଅଧଘଣ୍ଟା ରହଣି ପରେ ୮ଟା ୩୦ରେ ଜୟପୁରରୁ ହାଇଦ୍ରାବାଦ ଅଭିମୁଖେ ବାହାରିବ। ସକାଳ ୫ଟା ୪୪ରେ ହାଇଦ୍ରାବାଦରେ ପହଞ୍ଚିବ। ସେହିପରି ସନ୍ଧ୍ୟା ୫ଟାରେ ହାଇଦ୍ରାବାଦରୁ ବାହାରି ରାତି ପ୍ରାୟ ୨ଟା ୪୬ରେ ଜୟପୁରରେ ପହଞ୍ଚିବ। ସକାଳ ୫ଟା ୪୪ରେ ଭବାନୀପାଟଣାରେ ପହଞ୍ଚିବ। ଏହାଦ୍ୱାରା ଅଞ୍ଚଳର ରୋଗୀ ହାଇଦ୍ରାବାଦ ଯାଇ ଚିକିତ୍ସା ସୁବିଧା ପାଇପାରିବେ।

## ୩୫ ହିତାଧିକାରୀଙ୍କଠାରୁ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

**୧୪୦୦ ବଦଳରେ ବଣ୍ଟାଯାଇଛି ୯୫୦ଟଙ୍କା**

ନନ୍ଦପୁର,୬।୬(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଅଧୀନ ବିଲାପୁଟ ପଞ୍ଚାୟତର କାକୁଆ, ବୁରୁଡିପୁଟ, ପାଙ୍ଗିପୁଟ, ଡାଙ୍ଗୁଲୁପୁଟ, ମାରିପୁଟ ଓ ସେମିଳିପୁଟ ଗ୍ରାମର ୩୫ ହିତାଧିକାରୀଙ୍କଠାରୁ ଭତ୍ତାରୁ ୪୫୦ ଟଙ୍କା ଲେଖାଏ ଓ ଜଣେ ବୃଦ୍ଧା ଗୁରୁବାରି ଖେମୁଣ୍ଡୁଙ୍କ ୩ ମାସର ସମ୍ପୂର୍ଣ୍ଣ ଭତ୍ତା ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏହି ୩୫ ହିତାଧିକାରୀଙ୍କଠାରୁ ମେ ମାସର ମୂଳ ଭତ୍ତା ୧ ହଜାର ଓ ଅତିରିକ୍ତ ସହାୟତା ୪ଶହ ଟଙ୍କାରୁ ୯୫୦ଟଙ୍କା ଦେଇ ୪୫୦ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ନିକଟରୁ ବିଲାପୁଟ ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ହାତରେ(ନଗଦ) ଦିଆଯାଉଥିବା ଭତ୍ତା ଟଙ୍କା ପିଇଓ ଜୟରାମ ଜାରସିଂ ନେଇଥିଲେ। କିନ୍ତୁ ନିଜର କାର୍ଯ୍ୟ ବ୍ୟସ୍ତତା ଓ ଲୋକଙ୍କୁ ଘର ଘର ଯାଇ ଟଙ୍କା ବାଣ୍ଟିବାକୁ ସୁବିଧା ହେବ କହି ୱାର୍ଡସଭ୍ୟା ରଇଲା ପାଙ୍ଗୀଙ୍କ ସ୍ୱାମୀ ସଦନ ପାଙ୍ଗୀଙ୍କୁ ଉକ୍ତ ୬ ଗ୍ରାମର ୩୫ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ସଦନ ଉକ୍ତ ଟଙ୍କାରୁ ୪୫୦ଟଙ୍କା ଲେଖାଏ କାଟି ବଳକା ୯୫୦ ଭତ୍ତା ଟଙ୍କା ହିତାଧିକାରୀଙ୍କୁ ଦେଇଥିବା ହିତାଧିକାରୀମାନେ କହିଛନ୍ତି। ସେହିପରି ଗୁରୁବାରିଙ୍କୁ ଗତ ୩ ମାସ ହେବ ଭତ୍ତା ଟଙ୍କା ପଞ୍ଚାୟତରୁ ଆଣି ଦେଇ ନ ଥିବା ସେ କହିଛନ୍ତି। ଏଥିଯୋଗୁ ନନ୍ଦପୁର ବ୍ଲକ୍ ପ୍ରଶାସନ ଅଧୀନ ସାମାଜିକ ସୁରକ୍ଷା ବିଭାଗ ଓ ଭତ୍ତା ବାଣ୍ଟିବା ଦାୟିତ୍ୱ ପାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି। ଭତ୍ତା ଟଙ୍କାରେ ଜୀବିକା ନିର୍ବାହୀ କରୁଥିବା ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ବିଧବା ଓ ଅବିବାହିତ ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନାଗରାଜୁ ଆଚାରି, ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜଙ୍କୁ ପଚାରିବାରୁ ବିଡିଓ ଦୋରା ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପିଇଓ ଜାରସିଂଙ୍କୁ ପଚାରିବାରୁ ଏ ନେଇ ୱାର୍ଡସଭ୍ୟାଙ୍କ ସ୍ୱାମୀ ସହ କଥା ହୋଇଛି। ପ୍ରତି ମାସ ଭଳି ୧ହଜାର ଲେଖାଏ ଭତ୍ତା ଟଙ୍କା ପ୍ରଦାନ କରି ଭୁଲରେ ଅଧିକ ଟଙ୍କା ଦେଇଥିବା ଭାବି ସେ ପାଖରେ ରଖି ଦେଇଥିବା ପିଇଓ ସୂଚନା ଦେଇଛନ୍ତି। ଏହାକୁ ତାଙ୍କଠାରୁ ଆଣି ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


କମ୍ ଟଙ୍କା ପାଇଥିବା ହିତାଧିକାରୀ।

## ତୁରନ୍ତ ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନ ଚେତାବନୀ

**କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ**

କଲ୍ୟାଣସିଂହପୁର,୬।୬
(ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେବେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିକମ୍‌ରେ ୧୦ରୁ ଊର୍ଦ୍ଧ୍ୱ ଡାକ୍ତର ଆବଶ୍ୟକ ଥିବାବେଳେ ମାତ୍ର ୨ ଜଣ ଡାକ୍ତରରେ ଚାଲିଛି ରୋଗୀସେବା। ଫଳରେ ରୋଗୀଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଗାମୀ ଦିନରେ ଯଦି ସରକାର ସାସ୍ଥ୍ୟସେବା ଯୋଗାଇବା ପାଇଁ ଆବଶ୍ୟକ ଡାକ୍ତର ନିଯୁକ୍ତି ନ କରନ୍ତି ବାଧ୍ୟ ହୋଇ ବହୁଜନ ସମାଜବାଦୀ ପାର୍ଟି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ବହୁଜନ ସମାଜବାଦୀ ପାର୍ଟିର ଜିଲା ସଭାପତି ଜିତୁ ଜାକେସିକା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ବିଏସ୍‌ପି ଜିଲା ସଭାପତି ଜିତୁ ଦଳୀୟ କାର୍ଯ୍ୟକ୍ରମରେ ଶୁକ୍ରବାର କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ଗାଁକୁ ଯାଇଥିଲେ। ସେହି ସମୟରେ ସେ ଥଣ୍ଡା ଓ କାଶ ଅନୁଭବ କରିବାରୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଆବଶ୍ୟକ ଡାକ୍ତର ନ ଥିବାରୁ ଲୋକେ ହଇରାଣ ହେଉଥିବା ଜାଣିବାକୁ ପାଇଥିଲେ। ତେଣୁ ଆଗାମୀ ଦିନରେ ସରକାର ତୁରନ୍ତ ସେଠାରେ ଡାକ୍ତର ନିଯୁକ୍ତି ପାଇଁ ଜିତୁ ଦାବି କରିଛନ୍ତି। ଏହି ସମୟରେ ବିଏସ୍‌ପି ଜିଲା ଉପସଭାପତି ଜାଗମ ବେନିଆ, ବ୍ଲକ ସଭାପତି କୃପାସିନ୍ଧୁ ବେନିଆ, ଭୀମ ପିଡକାକା, କର୍ଣ୍ଣ ଘାଣ୍ଟା, ସନ୍ତୋଷ ନାଗ, ବରିଷ୍ଠ ନେତା ଶିବ ପ୍ରାସ୍କା, ଆମ୍ବେଡକର ଯୁବ ମଞ୍ଚ ସଭାପତି ସନ୍ତୋଷ କୌଶଲ୍ୟା, ସୁମନ ଗୋରଡିଆ, ପୁରନନ୍ଦର କରକରିଆ ପ୍ରମୁଖ ଉପସ୍ଥିତ ଥିଲେ।



ଡାକ୍ତରଙ୍କ ସହ ବିଏସ୍‌ପି ନେତା ଜିତୁ ଜାକେସିକାଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି।

**ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ**

ଜୟପୁର,(ପବନ ପାଣିଗ୍ରାହୀ)-ମହିଳାଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ଗୁରୁବାର ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏତଲା ଅନୁଯାୟୀ ଜୟପୁର ଲାଲ ସାହିର ପ୍ରିତୀ ଆଚାରୀ(୨୪) ୨୦୨୩ରେ ବିଶାଖାପାଟଣାର ଏଲ. କ୍ରୀଷ୍ଣାଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ରହିଛି। କିଛି ଦିନ ହେବ ପ୍ରିତାଙ୍କ ଶାଶୁ, ଶ୍ୱଶୁର, ନଣଦ ଓ ସ୍ୱାମୀ ତାଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ସକୁନ୍ତଳା ଦେବୀ କହିଛନ୍ତି।



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୬।୬(ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଡୁମୁରିଗୁଡା ଗ୍ରାମର ବାବୁଲା ନାଗ(୨୪)। ସୂଚନା ଅନୁଯାୟୀ,ଅଭିଯୁକ୍ତଙ୍କ ବିରୋଧରେ ୨୦୨୦ରେ ଏକ ମାମଲା ରହିଥିଲା। ସେହିଦିନଠାରୁ ସେ ଫେରାର ଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ରବୀନ୍ଦ୍ର ମିଶ୍ର କୋରାପୁଟ ନୂତନ ସିଡିଏମଓ

କୋରାପୁଟ,୬।୬(ଅମିତାଭ ବେହେରା)

କୋରାପୁଟ ଜିଲାର ନୂତନ ସିଡିଏମଓ ଭାବେ ରବିନ୍ଦ୍ର ନାଥ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପତ୍ର ସଂଖ୍ୟା ୧୬୫୬୮ ତା. ୫।୬।୨୫ ଅନୁଯାୟୀ ଜୟପୁରସ୍ଥିତ ଜିଲା ମେଡିକାଲର ଅଧିକ୍ଷକ ଭାବେ କାର୍ଯ୍ୟ କରୁଥିବା ରବିନ୍ଦ୍ରଙ୍କୁ ପଦନ୍ନୋତି ଦିଆଯାଇ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟର ୧୭ ଜିଲାର ନୂତନ ସିଡିଏମଓଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଥିବା କୋରାପୁଟ ସିଡିଏମଓ ବରୋଦାକାନ୍ତ ମିଶ୍ରଙ୍କୁ ଡିଏଚଏସକୁ ବଦଳି କରାଯାଇଛି।

# ଶିଘ୍ର ଧାନ କ୍ରୟ କରିବାକୁ ଦାବି

**କୋଟପାଡ଼ରେ ରବି ମଣ୍ଡି ଉଦ୍‌ଘାଟିତ**

କୋଟପାଡ଼,୬।୬(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବୋବେୟା ଓ କୋଟପାଡ଼ ହାଟପଦାରେ ଜୟପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରବି ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବୋବେୟା, ନୂଆଗାଁ ଓ ଘୁମର ପଞ୍ଚାୟତର ସମସ୍ତ ସରପଞ୍ଚ, ନାଏବ ସରପଞ୍ଚ, କୃଷକ ନେତା, କୃଷକ ଏବଂ ବ୍ଲକ ଉପସଭାପତି ଯୋଗଦେଇଥିଲେ। କୋଟପାଡ଼ ଲ୍ୟାମ୍ପ ଏମଡି, କାର୍ଯ୍ୟକର୍ତା ଓ ଆରଏମସି କର୍ମକର୍ତା ଉପସ୍ଥିତ ଥିଲେ। ବୋବେୟା ମଣ୍ଡିରେ ସପ୍ତାହକୁ ୩ ଦିନ ମଣ୍ଡି ହେବା ଓ ଦିନକୁ ୩ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ନିଷ୍ପତ୍ତି ହୋଇଛି। ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ଚାଷୀ ଅପେକ୍ଷା କରିଛନ୍ତି। ଡିଏଲପିସି ବୈଠକରେ ମେ ୨୫ରେ ମଣ୍ଡି ହେବାକୁ ନିର୍ଦ୍ଧାରଣ କରାଯାଇଥିଲା। ମୌସୁମୀକୁ ନଜରରେ ରଖି ଏହାକୁ ଜୁନ ୫କୁ ପରିବର୍ତ୍ତନ କରାଯାଇଥିଲା। ଆଗକୁ ମନସୁନ ଥିବାରୁ ଚାଷୀଙ୍କ ହାତରେ ସ୍ୱଳ୍ପ ଦିନ ରହିଛି। ଶୀଘ୍ର ମଣ୍ଡିରୁ ଧାନ କ୍ରୟ କରିବାକୁ ଚାଷୀ ନିବେଦନ କରିଛନ୍ତି। ମଣ୍ଡିଗୁଡ଼ିକରେ ପ୍ଲାଟଫର୍ମ ଓ ସେଡ୍‌ଗୁଡ଼ିକର ଅଭାବ ରହିଥିବା ବେଳେ ଲ୍ୟାମ୍ପସ ଓ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆବଶ୍ୟକ ତରପାଲିନ ଯୋଗାଇବାକୁ ଚାଷୀମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମଗୁଡ଼ିକରେ ମଧ୍ୟ ଏହାର ଅଭାବ ରହିଛି। ଆଗକୁ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଉଥିବାରୁ ଚାଷୀଙ୍କଠାରୁ ଶୀଘ୍ର ଧାନ ଉଠାଇ ମଣ୍ଡିରେ ଏହାର ମାନ ଠିକ ଭାବେ ପରୀକ୍ଷଣ କରିବାକୁ କହିଛନ୍ତି। କେତେକ ଚାଷୀ ପରୀକ୍ଷଣ ଭୟରେ ଜମି ପାର୍ଶ୍ୱ ରାଜରାସ୍ତାରେ ଧାନ ଶୁଖାଉଛନ୍ତି। ଛତିଶଗଡ଼ର ମଣ୍ଡିଗୁଡ଼ିକରେ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେଠାକାର ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଆମ ରାଜ୍ୟରେ ସେହି ବ୍ୟବସ୍ଥା ହୋଇନାହିଁ। ସେଭଳି ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ଚାଷୀ କହିଛନ୍ତି। ମଣ୍ଡି ଆରମ୍ଭ ପୂର୍ବରୁ ଗ୍ରାମାଞ୍ଚଳର ଚାଷୀ ଦଲାଲମାନଙ୍କ ଶିକାର ହେଉଛନ୍ତି। କେତେକ ଅଞ୍ଚଳରୁ ଦୈନିକ ଟ୍ରକ୍ ଲେଖାଏ ଧାନ ଚାଲାଣ ହେଉଛି। କୋଟପାଡ଼ ଲ୍ୟାମ୍ପରେ ଜମି ନ ଥାଇ ମଧ୍ୟ କେତେକ ଧାନ ବ୍ୟବସାୟୀ ପଞ୍ଜୀକୃତ କରିଥିବା ଆଲୋଚନା ହେଉଛି। ଏଥିସହ ପଞ୍ଜୀକୃତ ଚାଷୀଙ୍କୁ ଚିହ୍ନଟ କରି ଧାନ କିଣିବା ସହ କଟନୀଛଟନୀ ବନ୍ଦ କରିବାକୁ ଜିଲା ପ୍ରଶାସନକୁ କେତେକ ଗ୍ରାମବାସୀ କହିଛନ୍ତି।


ଅତିଥିମାନେ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

## ଆଇପିଏଲ୍‌କୁ ନେଇ ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ

**ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ**

ପଟ୍ଟାଙ୍ଗି,୬।୬(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତ ତଳସାହିରେ ଆଇପିଏଲ୍ ଖେଳକୁ ନେଇ ୨ ଭାଇଙ୍କ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ହୋଇଥିଲା। ଏଥିରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ତଳସାହିର ସ୍ୱର୍ଗତ କମୁ ଲାଛନାଙ୍କ ପୁଅ କମୁ ଅଜିତ୍। ଏ ନେଇ ମୃତକଙ୍କ ପରିବାର ପଟ୍ଟାଙ୍ଗି ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ଆଇପିଏଲ୍ ମ୍ୟାଚ୍ ସାହିର ସମସ୍ତ ଯୁବକ ଓ ସାହିବାସିନ୍ଦା ବସି ଦେଖୁଥିଲେ। ଏହି ସମୟରେ ବିରାଟ କୋହଲି ଆଉଟ୍ ହୋଇଯିବାରୁ ଅଜିତ୍ ପାଟିତୁଣ୍ଡ କରିଥିଲେ। ଏହାକୁ ତାଙ୍କ ବଡ଼ବାପାଙ୍କ ପୁଅ କମୁ ପାଉଲୁ ପ୍ରତିବାଦ କରିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ପାଉଲୁ ରାଗିଯାଇ ଏକ ଠେଙ୍ଗାରେ ସାନଭାଇ ଅଜିତ୍‌ଙ୍କ ମୁଣ୍ଡକୁ ପ୍ରହାର କରିବାରୁ ସେ ଗୁରୁତର ହୋଇଥିଲେ। ଅଜିତ୍‌ଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରି ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ପରିବର୍ତ୍ତେ ଆନ୍ଧ୍ରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅଜିତ୍‌ଙ୍କର ମୃତ୍ୟୁ ହୋଇଛି। ଏ ନେଇ ଥାନାଧିକାରୀ ଚର୍ତୁଭୁଜ ନାୟକଙ୍କୁ ପଚାରିବାରୁ ଏହି ଘଟଣାକୁ ନେଇ ଲିଖିତ ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରାଯାଇଥିବା ଓ ସାଇଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସେ କହିଛନ୍ତି।

## ନୂତନ ଡିଇଓଙ୍କୁ ଶିକ୍ଷକ ସଂଘର ସମ୍ବର୍ଦ୍ଧନା


ଶିକ୍ଷକ ସଂଘ ସଦସ୍ୟମାନେ ଡିଇଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

କୋରୁକୋଣ୍ଡା, ୬।୬(ଶିବଦତ୍ତ ସାହୁ)

ଗତ ୪ ତାରିଖରେ ମାଲକାନଗିରି ଜିଲାର ନୂତନ ଜିଲା ଶିକ୍ଷାଧିକାରୀ (ଡିଇଓ) ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ଗୁରୁବାର ମାଲକାନଗିରି ଜିଲା ପ୍ରାଥମିକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଦସ୍ୟମାନେ ଭେଟିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ସଞ୍ଜିତ ସାନା, ସାଧାରଣ ସମ୍ପାଦକ ପଦ୍ମଚରଣ ରଥ, ସହସମ୍ପାଦକ ଭୀମ ଖିଲ, ଅର୍ଜୁନ ବାରିକ, ରବୀନ୍ଦ୍ର ମଣ୍ଡଳ, ଅସିତ ବାହାଦୁର, ପ୍ରବୀର ମଣ୍ଡଳ ପ୍ରମୁଖ ଡିଇଓଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସୂଚନାଥାଉ କି ଗତ ମାର୍ଚ୍ଚରୁ ଜୁନ ୩ ତାରିଖ ପର୍ଯ୍ୟନ୍ତ ଜିଲା ପ୍ରୋଜେକ୍ଟ କୋଅର୍ଡିନେଟର ଓ ଡିଇଓ ପଦବୀ ଖାଲି ପଡ଼ିଥିଲା। ଏହି ଦୁଇଟି ବିଭାଗର ଦାୟିତ୍ୱ ଡେପୁଟି କଲେକ୍ଟର ଉମା ପ୍ରସାଦ ଦାସ ତୁଲାଉଥିଲେ।

## ଭବାନୀପାଟଣା-ହାଇଦ୍ରାବାଦ ବସ୍ ଚଳାଚଳକୁ ସ୍ୱାଗତ

ଜୟପୁର,୬।୬(ପବନ ପାଣିଗ୍ରାହୀ)

ଜୟପୁର ଦେଇ ଭବାନୀପାଟଣାରୁ ହାଇଦ୍ରାବାଦ ଓ ରାଇଘରରୁ ହାଇଦ୍ରାବାଦ ବସ୍ ଚଳାଚଳକୁ ଚାମ୍ବର ଅଫ କମର୍ସ ପକ୍ଷରୁ ସ୍ୱାଗତ କରାଯାଇଛି। ଭବାନୀପାଟଣାରୁ ସନ୍ଧ୍ୟା ୫ଟାରେ ଏହି ଭଲ୍‌ବୋ ବସ୍ ବାହାରି ଜୟପୁରରେ ରାତି ୮ଟାରେ ପହଞ୍ଚିବ। ଏଠାରେ ଅଧଘଣ୍ଟା ରହଣି ପରେ ୮ଟା ୩୦ରେ ଜୟପୁରରୁ ହାଇଦ୍ରାବାଦ ଅଭିମୁଖେ ବାହାରିବ। ସକାଳ ୫ଟା ୪୪ରେ ହାଇଦ୍ରାବାଦରେ ପହଞ୍ଚିବ। ସେହିପରି ସନ୍ଧ୍ୟା ୫ଟାରେ ହାଇଦ୍ରାବାଦରୁ ବାହାରି ରାତି ପ୍ରାୟ ୨ଟା ୪୬ରେ ଜୟପୁରରେ ପହଞ୍ଚିବ। ସକାଳ ୫ଟା ୪୪ରେ ଭବାନୀପାଟଣାରେ ପହଞ୍ଚିବ। ଏହାଦ୍ୱାରା ଅଞ୍ଚଳର ରୋଗୀ ହାଇଦ୍ରାବାଦ ଯାଇ ଚିକିତ୍ସା ସୁବିଧା ପାଇପାରିବେ।

## ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କଲେ ୩୮ ସ୍ୱୟଂ ସହାୟକ ଗୋଷ୍ଠୀ

**ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା**

ପଟ୍ଟାଙ୍ଗି,୬।୬(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଥିବା କଲ୍ୟାଣ ମଣ୍ଡପରେ ରାଜ୍ୟ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶ କ୍ରମେ ବ୍ଲକ୍ ପ୍ରଶାସନ ସହଯୋଗରେ ଓଏଲ୍ଏମ୍ ଓ ମିଶନଶକ୍ତିର ମିଳିତରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ରାମକୃଷ୍ଣା ନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ସିଡିପିଓ ବି.ଅର୍ଣ୍ଣପୂର୍ଣ୍ଣା, ବ୍ଲକ୍ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁ, ଓଏଲ୍ଏମ୍‌ର ବିପିସି ଶ୍ରୀଧର ଜାନି, ବିଏଲ୍‌ସି ବିକ୍ରମ କେଶରୀ ବାରିକ ଓ ଏଇଇ ବିଶ୍ୱନାଥ ମାଦଲି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୩୮ ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମାଣ୍ଡିଆ, କାଙ୍ଗୁ, ସୁଆଁ ଓ ବିରିରେ ପ୍ରସ୍ତୁତ ଖାଦ୍ୟକୁ ପ୍ରଦର୍ଶନ କରିଥିଲେ। ସିଡିପିଓ ଅର୍ଣ୍ଣପୂର୍ଣ୍ଣା, ଖବରଦାତା ଶରତ କୁମାର ଧଳ ଓ ବିଏଲ୍‌ସି ବାରିକ୍ ପ୍ରମୁଖ ବିଚାରକ ଭାବେ ପାରମ୍ପରିକ ଖାଦ୍ୟକୁ ଚୟନ କରିଥିଲେ। ପ୍ରତିଯୋଗିତାରେ ହନୁମାନ ଗୋଷ୍ଠୀ ସଦସ୍ୟାମାନେ ପ୍ରଥମ ଓ ମାଁ କୁଠାରୀ ଗୋଷ୍ଠୀ ସଦସ୍ୟା ଦ୍ୱିତୀୟ ହୋଇଥିଲେ। ଜିଲାରେ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଏହି ୨ ବିଜେତା ଗୋଷ୍ଠୀର ସଦସ୍ୟାମାନଙ୍କୁ ପୁରସ୍କୃତ କରିବାକୁ ସ୍ଥିର ହୋଇଥିବା ସିଡିପିଓ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସାପତ୍ର ବିଚାରକମାନେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଆଇସିଡିଏସ୍ ସୁପ୍ରଭାଇଜର,ବିପିଏସ୍ ଅଜୟ କୁମାର ପାଙ୍ଗି, ଏମବିକେ ଓ ସିଆରପିମାନେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ବିଚାରକମାନେ।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ନନ୍ଦପୁର,୬।୬(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ମିଶନଶକ୍ତି ବିଭାଗ ପକ୍ଷରୁ ସୀମାଦ୍ରି ମଣ୍ଡପରେ ବ୍ଲକ୍ ଅଧୀନ ୨୩ ପଞ୍ଚାୟତର ମହିଳା ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଓ ପ୍ରଦର୍ଶନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମୀନତି ବାଳା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଅଧ୍ୟାପିକା ରେଣୁକା ହିଆଲ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ୩୩ ମହିଳା ଗୋଷ୍ଠୀଙ୍କ ମାଣ୍ଡିଆରୁ ପ୍ରସ୍ତୁତ ମେଛା, ମାଣ୍ଡରୁ, ଖୀରି, ପକୁଡ଼ି, ପିଠା, ଏଣ୍ଡୁରି, ମାଣ୍ଡିଆ ବିସ୍କୁଟ, ମଣ୍ଡା ପିଠା, କାଙ୍ଗୁ କ୍ଷୀରି, ମାଣ୍ଡିଆ ଲସି, କାକରା ପିଠା, କାଂଗୁ ବିସ୍କୁଟ, ସୁଆଁ ହାଲୁଆ ଆଦି ଖାଦ୍ୟର ପ୍ରସ୍ତୁତ ପ୍ରଣାଳୀ ଓ ଏହାର ଉପାଦେୟତା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରତିଯୋଗିତାରେ ଥିବା ପଞ୍ଚାୟତର ବିଶ୍ୱକଲ୍ୟାଣୀ ମହିଳା ଗୋଷ୍ଠୀ ପ୍ରଥମ ଓ ନନ୍ଦପୁର ପଞ୍ଚାୟତର ଲକ୍ଷ୍ମୀ ମହିଳା ଗୋଷ୍ଠୀ ଦ୍ୱିତୀୟ ହୋଇଥିଲେ। ୨ ଗୋଷ୍ଠୀଙ୍କୁ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନନ୍ଦପୁର ମିଶନ ଶକ୍ତିର ବିପିସି, ବିଏଲସି, ବିଏଲଏଫ ଲିଡର, ଏମବିକେ, ସିଆରପିମାନେ ପ୍ରତିଯୋଗିତା ଆୟୋଜନ କରିଥିଲେ।

## ୩ ସିଆରସିସିଙ୍କୁ ୧୩୭ ସ୍କୁଲ ପରିଚାଳନା ଦାୟିତ୍ୱ

**୬ ସ୍ଥାନରେ ଖାଲି ପଡ଼ିଛି ପଦବୀ**

କୁନ୍ଦୁରା,୬।୬(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ୧୩୭ ବିଦ୍ୟାଳୟରେ ୯ ସିଆରସିସି ଦାୟିତ୍ୱରେ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ବର୍ତ୍ତମାନ ୩ଜଣ ସେହି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଗତ ଦିନରେ ବ୍ଲକ ଅଧୀନରେ ୮ଜଣ ସିଆରସିସି ନିଯୁକ୍ତ ହୋଇ କାର୍ଯ୍ୟ କରୁଥିଲେ। ଜିଲା ଶିକ୍ଷାଧିକାରୀଙ୍କ ଚିଠି ନଂ.୧୭୩୨/୫ରେ ୫ବର୍ଷ ହୋଇଥିବାରୁ ସେମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି। ଇଚ୍ଛୁକ ମେଧାବୀ ଶିକ୍ଷକମାନେ ପ୍ରବେଶିକା ପରୀକ୍ଷା ଦେଇ କାର୍ଯ୍ୟ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। କିନ୍ତୁ ଏହି ବ୍ଲକରେ ଏଥିରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ ଅଧୀନରେ ଥିବା ସମସ୍ତ ସ୍କୁଲର ଶିକ୍ଷା ବ୍ୟବସ୍ଥା ଓ ସମସ୍ୟା ସୁଧାରିବା ନେଇ ସିଆରସିସିମାନଙ୍କୁ ଡିପିସି ପକ୍ଷରୁ ନିଯୁକ୍ତି ମିଳୁଛି। ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ଅବହେଳା ଯୋଗୁ ଖାଲି ପଦବୀ ପୂରଣ ହୋଇନାହିଁ। କୁନ୍ଦୁରା, ବାଗ ଦେରୀ,ଆସନା,କେନ୍ଦୁଗୁଡା,ଡ଼ଙ୍ଗରପାଉଁସ ,ସିଉନିଗୁଡା, ବରଗୁଡା, ଲିମା ଓ ଦିଗାପୁର ଆଦିରେ ୯ ସିଆରସିସି ରହିବା କଥା। ଡ଼ଙ୍ଗରପାଉଁସି, ବରଗୁଡା ଓ ସିଉନିଗୁଡାରେ ୩ ସିଆରସିସି ନିଯୁକ୍ତ ହୋଇଛନ୍ତି। ଅନ୍ୟ ୬ ସ୍ଥାନରେ ବର୍ତ୍ତମାନ ସୁଦ୍ଧା ନିଯୁକ୍ତି ହୋଇନି। ପ୍ରତି ସିଆରସିସିଙ୍କୁ ଅନ୍ୟ ୨ଟି ଲେଖାଏ କ୍ଲଷ୍ଟରର ଅତିରିକ୍ତ ଦାୟିତ୍ୱ ମିଳିଛି। ବ୍ଲକରେ ୧୩୭ ସ୍କୁଲ ଥିବା ବେଳେ ଜଣେ ସିଆରସିସିଙ୍କୁ ପ୍ରାୟ ୪୫ଟି ଲେଖାଏର ପରିଚାଳନା ଦାୟିତ୍ୱ ଦେବା ସୂଚନା ମିଳିଛି। ଜିଲାର ୧୪ଟି ବ୍ଲକରେ ଥିବା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ସିଆରସିସି ପଦବୀଗୁଡିକ ଖାଲି ଥିବାରୁ ଶିକ୍ଷା ବିଭାଗ ଅବହେଳା କରୁଥିବା ଶିକ୍ଷାବିତ୍‌ମାନେ କହିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ୨।୬।୨୫ ଚିଠି ପ୍ରକାରେ ରଘୁନାଥ ସାବତ, ବିନାୟକ ପଣ୍ଡା, ସୂର୍ଯ୍ୟମୋହନ ମାଝୀ,ତ୍ରିନାଥ ପଣ୍ଡା ଓ ପ୍ରମୋଦ ବାରିକଙ୍କୁ ପୂର୍ବ ନିଯୁକ୍ତିସ୍ଥଳକୁ ଫେରିବାକୁ ନିର୍ଦ୍ଦେଶ ରହିଛି। ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ନ ଆସି ସିଆରସିସି ମାଧ୍ୟମରେ ବିଭିନ୍ନ ସମସ୍ୟା ସୁଧାରିବାକୁ ପଡିଥାଏ। ଶିକ୍ଷକ ଡେପୁଟେସନ ଓ ନିଯୁକ୍ତି କ୍ଷେତ୍ରରେ ସିଆରସିସିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଜିଲା ଶିକ୍ଷାଧିକାରୀ ପଦବୀପୂରଣ କରିବାରେ କୁନ୍ଦୁରା ବ୍ଲକ ପ୍ରତି ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ସିଆରସିସି ପରୀକ୍ଷାରେ କମ୍ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ୧ ମାସରେ ସମାଧାନ ହେବ ଓ ସମ୍ପୂର୍ଣ୍ଣ ପଦବୀ ପୂରଣ କରାଯିବ ବୋଲି କହିଛନ୍ତି।

## ନନ୍ଦପୁର ବ୍ଲକରେ ବିଧାୟକଙ୍କ ସମୀକ୍ଷା



କାର୍ଯ୍ୟକ୍ରମରେ ଉପସ୍ଥିତ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଓ ଅନ୍ୟମାନେ।

**ଅଭିଯୋଗ ଶୁଣି ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ**

ନନ୍ଦପୁର, ୬।୬ (ତୁଷାର କାନ୍ତ ମହାନ୍ତି)

ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ନନ୍ଦପୁର ବ୍ଲକ୍‌ର ହାତୀବାରି ଓ ଖିନବର ପଞ୍ଚାୟତ ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟର ଶୁକ୍ରବାର ସମୀକ୍ଷା କରିଛନ୍ତି। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତବାସୀଙ୍କ ରାସ୍ତା, ପାଣି, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାକ୍ ଶିକ୍ଷା, ପରିମଳ, ଭତ୍ତା, ଆବାସ, ବିଦ୍ୟୁତ୍ ଓ ନେଟୱର୍କ ଆଦି ସେବାର ଅଭିଯୋଗ ଶୁଣି ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ୨ ପଞ୍ଚାୟତର ଲୋକ ପ୍ରତିନିଧି, ନନ୍ଦପୁର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସ କେତନ ବେହେରା,ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ, କୃଷି, ଉଦ୍ୟାନ, ମହିଳା ଓ ଶିଶୁ ବିକାଶ, ଅବକାରୀ, ପ୍ରାଣୀଧନ, ବିଦ୍ୟୁତ ବିଭାଗର ଅଧିକାରୀ, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ ଓ ବିଧାୟକ ପ୍ରତିନିଧି କାମେସ କାମୁଡି ପ୍ରମୁଖ ଉପସ୍ଥିତ ଥିଲେ। ପାଡୁଆ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ରୁକ୍ମିଣୀ ବିବାହ ସମ୍ପନ୍ନ

ନନ୍ଦପୁର, ୬।୬ (ତୁଷାର କାନ୍ତ ମହାନ୍ତି)

ଘୋଷଯାତ୍ରା ପୂର୍ବରୁ ନନ୍ଦପୁର ଜଗନ୍ନାଥ ମନ୍ଦିରର ନୀତିକାନ୍ତି ଓ ରଥ ନିର୍ମାଣ କାର୍ଯ୍ୟ ନନ୍ଦପୁର ଦେବୋତ୍ତର କମିଟି ପକ୍ଷରୁ ତ୍ୱରାନ୍ୱିତ କରାଯାଇ ଶୁକ୍ରବାର ମନ୍ଦିରରେ ରୁକ୍ମଣୀ ବିବାହ ବିଧି ସମ୍ପନ୍ନ କରାଯାଇଛି। ମଦନ ମୋହନଙ୍କ ସହ ଲକ୍ଷ୍ମୀଙ୍କ ବିବାହ କରାଯାଇଛି। ବରପିତା ଭାବେ ପୂଜକ ଅନିଲ କୁମାର ପଣ୍ଡା,କନ୍ୟାପିତା ଭାବେ ପୂଜକ ପ୍ରଦୀପ୍ତ ଦାସ ଓ ବିବାହ ନୀତି ରାଜ ପୁରୋହିତ ରାଜ କିଶୋର ରଥ ସମ୍ପନ୍ନ କରିଥିଲେ। ରଥଯାତ୍ରାର ସମସ୍ତ ନୀତି ସୁଚାରୁ ରୂପେ ସମ୍ପନ୍ନ ପାଇଁ ନନ୍ଦପୁର ହନୁମାନ ମନ୍ଦିର ପରିସରରେ ଅତିରିକ୍ତ ତହସିଲଦାର ଓ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ଏଥିରେ ସେବାୟତଙ୍କ ସହ ଦେବୋତ୍ତର କମିଟି ସଦସ୍ୟ ଉପସ୍ଥିତ ଥିଲେ।


ମନ୍ଦିରରେ ମଦନମୋହନ ଓ ଲକ୍ଷ୍ମୀଙ୍କ ବିବାହ କରାଯାଉଛି।

## ୩୫ ହିତାଧିକାରୀଙ୍କଠାରୁ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

**୧୪୦୦ ବଦଳରେ ବଣ୍ଟାଯାଇଛି ୯୫୦ଟଙ୍କା**

ନନ୍ଦପୁର,୬।୬(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଅଧୀନ ବିଲାପୁଟ ପଞ୍ଚାୟତର କାକୁଆ, ବୁରୁଡିପୁଟ, ପାଙ୍ଗିପୁଟ, ତାଙ୍ଗୁଲୁପୁଟ, ମାରିପୁଟ ଓ ସେମିଳିପୁଟ ଗ୍ରାମର ୩୫ ହିତାଧିକାରୀଙ୍କଠାରୁ ଭତ୍ତାରୁ ୪୫୦ ଟଙ୍କା ଲେଖାଏ ଓ ଜଣେ ବୃଦ୍ଧା ଗୁରୁବାରି ଖେମୁଣ୍ଡୁଙ୍କ ୩ ମାସର ସମ୍ପୂର୍ଣ୍ଣ ଭତ୍ତା ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏହି ୩୫ ହିତାଧିକାରୀଙ୍କଠାରୁ ମେ ମାସର ମୂଳ ଭତ୍ତା ୧ ହଜାର ଓ ଅତିରିକ୍ତ ସହାୟତା ୪ଶହ ଟଙ୍କାରୁ ୯୫୦ଟଙ୍କା ଦେଇ ୪୫୦ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ନିକଟରୁ ବିଲାପୁଟ ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ହାତରେ(ନଗଦ) ଦିଆଯାଉଥିବା ଭତ୍ତା ଟଙ୍କା ପିଇଓ ଜୟରାମ ଜାରସିଂ ନେଇଥିଲେ। କିନ୍ତୁ ନିଜର କାର୍ଯ୍ୟ ବ୍ୟସ୍ତତା ଓ ଲୋକଙ୍କୁ ଘର ଘର ଯାଇ ଟଙ୍କା ବାଣ୍ଟିବାକୁ ସୁବିଧା ହେବ କହି ୱାର୍ଡସଭ୍ୟା ରଇଲା ପାଙ୍ଗୀଙ୍କ ସ୍ୱାମୀ ସଦନ ପାଙ୍ଗୀଙ୍କୁ ଉକ୍ତ ୬ ଗ୍ରାମର ୩୫ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ସଦନ ଉକ୍ତ ଟଙ୍କାରୁ ୪୫୦ଟଙ୍କା ଲେଖାଏ କାଟି ବଳକା ୯୫୦ ଭତ୍ତା ଟଙ୍କା ହିତାଧିକାରୀଙ୍କୁ ଦେଇଥିବା ହିତାଧିକାରୀମାନେ କହିଛନ୍ତି। ସେହିପରି ଗୁରୁବାରିଙ୍କୁ ଗତ ୩ ମାସ ହେବ ଭତ୍ତା ଟଙ୍କା ପଞ୍ଚାୟତରୁ ଆଣି ଦେଇ ନ ଥିବା ସେ କହିଛନ୍ତି। ଏଥିଯୋଗୁ ନନ୍ଦପୁର ବ୍ଲକ୍ ପ୍ରଶାସନ ଅଧୀନ ସାମାଜିକ ସୁରକ୍ଷା ବିଭାଗ ଓ ଭତ୍ତା ବାଣ୍ଟିବା ଦାୟିତ୍ୱ ପାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି। ଭତ୍ତା ଟଙ୍କାରେ ଜୀବିକା ନିର୍ବାହୀ କରୁଥିବା ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ବିଧବା ଓ ଅବିବାହିତ ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନାଗରାଜୁ ଆଚାରି, ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜଙ୍କୁ ପଚାରିବାରୁ ବିଡିଓ ଦୋରା ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପିଇଓ ଜାରସିଂଙ୍କୁ ପଚାରିବାରୁ ଏ ନେଇ ୱାର୍ଡସଭ୍ୟାଙ୍କ ସ୍ୱାମୀ ସହ କଥା ହୋଇଛି। ପ୍ରତି ମାସ ଭଳି ୧ହଜାର ଲେଖାଏ ଭତ୍ତା ଟଙ୍କା ପ୍ରଦାନ କରି ଭୁଲରେ ଅଧିକ ଟଙ୍କା ଦେଇଥିବା ଭାବି ସେ ପାଖରେ ରଖି ଦେଇଥିବା ପିଇଓ ସୂଚନା ଦେଇଛନ୍ତି। ଏହାକୁ ତାଙ୍କଠାରୁ ଆଣି ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


କମ୍ ଟଙ୍କା ପାଇଥିବା ହିତାଧିକାରୀ।

## ଏସ୍ଏଚଜିଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟ

**ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା**

ବନ୍ଧୁଗାଁ,୬।୬(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ପରିସରରେ ସୁଭଦ୍ରା ଶକ୍ତି ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବନ୍ଧୁଗାଁ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ଶବର, ସିଡିପିଓ ଗୀତାଞ୍ଜଳୀ ମହାରଣା, ବନ୍ଧୁଗାଁ ସରକାରୀ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟକ ସଦସ୍ୟାଙ୍କ ପ୍ରସ୍ତୁତ ଖାଦ୍ୟର ସମୀକ୍ଷା କରିଥିଲେ। ସମସ୍ତ ଏମ୍‌ବିକେ, ସିଆରପିସିଏମ୍ ଓ ଆଇସିଡିଏସ୍ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ବ୍ଲକ୍‌ର ୧୩ ପଞ୍ଚାୟତର ୩୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୯୬ ସଦସ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ମାଣ୍ଡିଆରେ ତିଆରି ପାରମ୍ପରିକ ଖାଦ୍ୟକୁ ସାର ଜନିନ କରିବା ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ରୋଜଗାରକ୍ଷମ କରାଇବା ନେଇ ସରକାର ଏହି ପ୍ରତିଯୋଗିତା ମାଧ୍ୟମରେ ଉତ୍ସାହ ବଢାଇବାକୁ ଲକ୍ଷ୍ୟ ରଖିଛନ୍ତି। ସଦସ୍ୟମାନେ ମାଣ୍ଡିଆ ଦ୍ୱାରା ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପିଠା, ବରା, ଗୁଲୁଗୁଲା, ଚକୁଳି, ଉପମା, ପିଆଜି, ପକୁଡ଼ି, ଦହିବରା,ହାଲବା, ପୋଡପିଠା,ଖୀରି, କେକ୍,ଲଶି ଓ ଜୁସ୍ ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହି ଖାଦ୍ୟକୁ ଅତିଥିମାନେ ଚାଖିଥିଲେ। ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଚିହ୍ନଟ କରାଯାଇଛି। ଅଂଶଗ୍ରହଣ କରିଥିବା ସମସ୍ତ ଗୋଷ୍ଠୀରଙ୍କୁ ସଦସ୍ୟାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। କୁମ୍ଭାରିପୁଟ ପଞ୍ଚାୟତ ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଓ ହାଟସରୁ ପାଲ୍ଲୀ ଜୟ ମାଁ ମଙ୍ଗଳା ଗୋଷ୍ଠୀ ଦ୍ୱିତୀୟ ହୋଇଥିବା ବେଳେ ୫ ହଜାର ଏବଂ ୪ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ।

